## ବେଆଇନ ବାଲି ଚାଲାଣ ଅଭିଯୋଗ



**ପୁରୁଷୋତ୍ତମପୁର,୩୧।୫(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଋଷିକୂଲ୍ୟା ନଦୀ ପଠାରୁ ବିଭିନ୍ନ ସମୟରେ ବାଲି ଚୋରାଚାଲାଣ ହୋଇଥିବା ନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ ହୋଇଛି। ଏହାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ପାଣ୍ଡରଖଲ୍ଲୀ ଗ୍ରାମବାସୀ ପୁରୁଷୋତ୍ତମପୁର ତହସିଲଦାରଙ୍କୁ ଭେଟି ଏକ ଅଭିଯୋଗପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଭୀମପୁର ନଦୀ ପଠା ଲିଜ୍ ଦିଆଯାଇଥିବା ଅଞ୍ଚଳ ପରିବର୍ତ୍ତେ ପାଣ୍ଡରଖଲ୍ଲି ଗ୍ରାମ ନିକଟ ଋଷିକୂଲ୍ୟା ନଦୀ ପଠାରୁ ବେଆଇନ ଭାବେ ଜେସିବିରେ ବାଲି ଉତ୍ତୋଳନ କରି ଚୋରାଚାଲାଣ କରାଯାଉଛି। ଏହି ଅଞ୍ଚଳରୁ ବାଲି ଉତ୍ତୋଳନ ନ କରିବା ପାଇଁ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଛି। ବର୍ଷା ଋତୁରେ ନଦୀ ହିଡଭାଙ୍ଗି ଗାଁରେ ଜଳ ପଶି ବନ୍ୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଏହି ଅଞ୍ଚଳରୁ ବାଲି ନ ଉଠାଇବା ପାଇଁ ଗୁରୁବାର ରାତିରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ କରାଯାଇ ଶୁକ୍ରବାର ପୁରୁଷୋତ୍ତମପୁର ତହସିଲଦାର ଓ ଅନ୍ୟ ବିଭାଗକୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ତହସିଲଦାର ଲୋପାମୁଦ୍ରା ରଥ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ ବୋଲି କହିଛନ୍ତି। ଯଦି ଏଥିନେଇ ପ୍ରଶାସନ ଗୁରୁତ୍ୱ ନ ଦିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ କହିଛନ୍ତି।

## ଗ୍ରନ୍ଥାଗାର ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଜଗନ୍ନାଥପ୍ରସାଦ,୩୧।୫(ସମିସ):** ଜଗନ୍ନାଥପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜର ଗ୍ରନ୍ଥାଗାର ସହାୟକ ସନ୍ତୋଷ କୁମାର ଦଳାଇ ଚାକିରିର ଅବସର ନେଇଥିବାରୁ ଏହି ସଭା ଅନୁଷ୍ଠିତ ହେଇଥିଲା। କର୍ମଚାରୀ ସମନ୍ୱୟ ସମିତିର ସମ୍ପାଦକ ରାଧାମାଧବ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡଃ. ଜୟଦେବ ଗୌଡ଼, ମିହିର କୁମାର ଶତପଥୀ, ପ୍ରଶାନ୍ତ ରଥ, ଭାସ୍କର ଗୌଡ଼, ଅଧ୍ୟାପକ ସୁନିରକାନ୍ତ ମିଶ୍ର, ସୁନିଲ କୁମାର ମୁନି, ହାଡୁବନ୍ଧୁ ପ୍ରଧାନ, ବିଜ୍ଞାନ ପରିଚାଳିକ ଶଙ୍କର୍ଷଣ ପାତ୍ର, ଏ ରାମ ମୂର୍ତ୍ତି ଦୋରା, ଅଧ୍ୟାପିକା ସୁନିତା ଗୌଡ଼, ମୁଖ୍ୟ କିରାଣୀ ମଦନ ମାଝୀ ଓ ସରୋଜ କୁମାର ନାୟକ ଯୋଗଦେଇ ଶ୍ରୀ ଦଳାଇଙ୍କ ଦୀର୍ଘ ୩୪ ବର୍ଷର ନିଃସ୍ୱାର୍ଥପର ସେବା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ସମସ୍ତ ଅତିଥି ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତ୍ରପୁର ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ଛତ୍ରପୁର,୩୧।୫(ସମିସ):** ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର, ପୋଟଲାମପୁର ଓ ବଡ଼ମାଧପୁର ପଞ୍ଚାୟତରେ ଶୁକ୍ରବାର ଅପରାହ୍ନ ୫ଟାରେ ଛତ୍ରପୁର ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଏସପି ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ଥାନାଧିକାରୀ ନିରୋଦ କୁମାର ଦାସଙ୍କ ନେତୃତ୍ୱରେ ଥାନାର ବହୁ ପୁଲିସ କର୍ମଚାରୀ ମାନେ ଏଥିରେ ସାମିଲ ହୋଇଥିଲେ। ନିର୍ବାଚନ ପରବର୍ତ୍ତୀ ହିଂସାକୁ ରୋକିବା ପାଇଁ ପୁଲିସ ପକ୍ଷରୁ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଗ୍ରାମାଞ୍ଚଳ ମାନଙ୍କରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଲୋକଙ୍କ ବିଷୟରେ ପୁଲିସକୁ ଖବର ଦେବା ସହିତ ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା।

### ରାସ୍ତାକାମ ନିମ୍ନମାନର ଅଭିଯୋଗ

# ଦିନକ ପରେ ଉଠିଗଲା ପିଚୁ

**ହୁମ୍ମା,୩୧।୫(ସମିସ)**



ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲୁର ଜଙ୍କସନର ଏସ୍‌ବିଆଇ ଏଟିଏମ ସାମ୍ନା ଓଭରବ୍ରିଜ ତଳ ପାଶ୍ୱର୍ ଦେଇ ଯାଇଥିବା ରାସ୍ତାକାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ରାସ୍ତା ନିର୍ମାଣ କାମ ନିମ୍ନମାନର ହୋଇଛି।

ଗତ ଗୁରୁବାର ରାତ୍ର ଏହି ଓଭରବ୍ରିଜ ତଳେ ପିଚୁ ରାସ୍ତାଟିକୁ ସିପିଆରୋରା ନାମକ ଏକ କମ୍ପାନୀ ଠିକା ସଂସ୍ଥା ନିର୍ମାଣ କରିଥିଲା। ରାସ୍ତାରେ ପିଚୁ କାମ ୪ରୁ ସାଢ଼େ ୪ ଇଞ୍ଚ ପଡ଼ିବାକୁ ନିୟମ ଥିବା ବେଳେ ଅଧ ଇଞ୍ଚରେ ଏହି ପିଚୁ ରାସ୍ତାଟି ନିର୍ମାଣ କରାଯାଇଛି। ଫଳରେ ସେହି ରାସ୍ତା ଦେଇ ଯାନବାହାନ ଯାତାୟାତ କରିବାରୁ ରାସ୍ତାଟି ଦବି ଯାଇ କିଛି ସ୍ଥାନରେ କଂକ୍ରିଟ ଉଠି ଯାଇଛି। ଗୋଟିଏ ଦିନ ବି ରାସ୍ତାଟି ଭାର ସମ୍ଭାଳିଲା ନାହିଁ। ଉକ୍ତ କମ୍ପାନୀର କର୍ମଚାରୀମାନେ ରାତି ଅଧରେ ନିମ୍ନମାନର କାମ କରୁଛନ୍ତି। ପୂର୍ବରୁ ମଧ୍ୟ ଏହି କମ୍ପାନୀର ମନମାନି ବିରୋଧରେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ। ପାଲୁର ଜଙ୍କସନ ରାସ୍ତାଟି ଗଞ୍ଜାମ ଓ ପୁରୀ ଯିବା ରାସ୍ତା ହୋଇଥିବା ବେଳେ ଦୈନିକ ହଜାର ହଜାର ଯାନବାହନ ଯାତାୟାତ ହେବା ସହ ଡ୍ରେନ କାମ ଅଧାପନ୍ତରିଆ ହୋଇ ରହିଛି। ବର୍ଷା ଦିନ ପାଖେଇ ଆସିଲାଣି। ଏଭଳି ସ୍ଥିତିରେ ରାସ୍ତାଟି ଅଧିକ ଶୋଚନୀୟ ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଗଞ୍ଜେଇ ଚାଲାଣ ବେଳେ କାର୍ ଦୁର୍ଘଟଣା; ଜଣେ ମୃତ

**ଟିକାବାଲି,୩୧।୫(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଟିକାବାଲି ଠାରୁ ଚକାପାଦ ଯିବା ରାସ୍ତା ତାଡିପାଜୁରେ ଗୁରୁବାର ବିଳମ୍ବିତ ରାତିରେ ଏକ କାରରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବାରୁ କାର ଭିତରେ ଜଣକର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ବିଳମ୍ବିତ ରାତିରେ ଏକ କାର ଘାଟି ରାସ୍ତା ଦେଇ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଦ୍ରୁତଗତି ଯୋଗୁଁ ଭାରସାମ୍ୟ ହରାଇ ଟିକାବାଲି ଚକାପାଦ ରାସ୍ତା ତାଡିପାଜୁ ନିକଟ ଘାଟିରେ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। କାରରେ ବସିଥିବା ଜଣେ ଯୁବକଙ୍କ ଘଟଣା



ସ୍ଥଳରେ ମୃତ୍ୟୁ ଘଟିଥିଲା । କୌଣସି ସୂତ୍ରରୁ ଖବର ପାଇ ଟିକାବାଲି ଥାନା ଅଧିକାରିଣୀ କଲ୍ୟାଣୀମୟୀ ଷାଣ୍ଢ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ କାର ଏବଂ ସେଥିରେ ଥିବା ବିପୁଳ ପରିମାଣ ଗଞ୍ଜେଇ ଜବତ କରିଥିଲେ। ମୃତଦେହ ପ୍ରଥମେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ସୁରକ୍ଷିତ ଭାବେ ରଖାଯାଇଥିଲା। ମୃତ ଯୁବକ ରାୟଗଡାର ବୋଲି ଜଣା ପଡ଼ିଥିବା ବେଳେ ମୃତକଙ୍କ ଘରକୁ ଖବର ଦିଆ ଯାଇ ଥିବା ଶ୍ରୀମତୀ ଷାଣ୍ଢ ସୂଚନା ଦେଇଛନ୍ତି। କାରରେ ମୃତକଙ୍କ ସହିତ ଯାଉଥିବା ସାଥୀ ଦୁର୍ଘଟଣା ପରେ ସେଠାରୁ ଖସି ପଳାଇଥିବା ଜଣାପଡିଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଛତ୍ରପୁର,୩୧।୫(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା କୁମାରୀ ଦେବୀ ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣାଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ବରିଷ୍ଠ ଗୁରୁ ଲକ୍ଷ୍ମୀନାରାୟଣ ଶତପଥୀ, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ସମିତି ସଭ୍ୟା ପ୍ରତିନିଧି ଅମରେଶ୍ୱର ସାହୁ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ଭାସ୍କର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ନିଷ୍ଠା ତଥା ଛାତ୍ରୀ ବତ୍ସଳତା ଉପରେ ଆଲୋଚନା କରିଥିଲେ। ସଭାପତି ମହାରଣା ତାଙ୍କର ବକ୍ତବ୍ୟରେ ବିଦ୍ୟାଳୟର ପ୍ରତିଷ୍ଠା ବିବରଣୀ ପ୍ରଦାନ କରି ବିଦ୍ୟାଳୟଟିକୁ ସର୍ବାଙ୍ଗ ସୁନ୍ଦର କରିବାରେ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀ ନର୍ମଦା ଦେବୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ପଟ୍ଟନାୟକ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରଶାସନିକ ଦକ୍ଷତା ଓ ସହଭାଗିତା ଗୁଣ ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ବୃନ୍ଦ ସାଗରିକା ପାଢୀ, ନିରୂପମା ମିଶ୍ର, ଶୁଭ୍ରଚଳା ବକ୍ସି, ପ୍ରଭାସିନୀ ସାହୁ, ସୁଧୀର ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପଦ୍ମଚରଣ ଦାସ, ବିନୋଦ ଚନ୍ଦ୍ର ମହାନ୍ତି, ସଂଯୁକ୍ତା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଏଥି ପୂର୍ବରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଦ୍ୱୟ ଜି.ବିଜୟ ଲକ୍ଷ୍ମୀ ଓ ନମିତା ଆଚାର୍ଯ୍ୟଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



**ଛତ୍ରପୁର,୩୧।୫(ସମିସ):** ଛତ୍ରପୁରସ୍ଥିତ ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଥିବା ମୁଖ୍ୟ ଡ୍ରାଇଭର ଦାମୋଦର ବେହେରା ଓ ପିଅନ କୀର୍ତ୍ତନ ସେଠୀ ଶୁକ୍ରବାର ନିଜ କାର୍ଯ୍ୟରୁ ଅବସର ନେଇଥିବାରୁ ସେମାନଙ୍କୁ କାର୍ଯ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସନ୍ତୋଷ କୁମାର ସାହୁ ଓ କେ. ଭେଙ୍କେଟେସ, ଏମଭିଆଇ ରବୀନ୍ଦ୍ର ନାଥ ଜେନା, ଜୁନିଅର ଏମଭିଆଇ ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଉଭୟଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ।

## ଦୁଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବସର



**ବେଲଗୁଣ୍ଠା,୩୧।୫(ସମିସ):** ବେଲଗୁଣ୍ଠା ସ୍ଥିତ ବାଲିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମତୀ ପାଣିଗ୍ରାହୀ ଏବଂ କୁଶପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମଧୁସୂଦନ ସେଠୀ ଶୁକ୍ରବାର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସରପ୍ରାପ୍ତ ଦୁଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବସନ୍ତ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା କୁମାରୀ ରଥ, ବରିଷ୍ଠ କିରାଣୀ ଶରତଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରାଥମିକ ଶିକ୍ଷକସଂଘ ସମ୍ପାଦକ ବାଳକୃଷ୍ଣ ସାବତ, ପ୍ରତାପ ଚନ୍ଦ୍ର ଶତପଥୀ, ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହି ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ବଲ୍ଲଭ ପଣ୍ଡା, ସୁବ୍ରତ ପାତ୍ର, ଆଶୋକ ବେହେରା, ରମେଶ ଚନ୍ଦ୍ର ପାତ୍ର, ଗୌରଚନ୍ଦ୍ର ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମାହୁନ୍ତ, ସିଆରସିସି ନୀଳକଣ୍ଠ ନନ୍ଦ, ମନୋଜ ପଟ୍ଟନାୟକ, ଛାୟାକାନ୍ତ ମହାପାତ୍ର, ହରେକୃଷ୍ଣ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ସିଆରସିସି ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

### ପଞ୍ଚାୟତସ୍ତରୀୟ ପୁନଃ ଐକୀକରଣ ଶିବିର

## ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସେବାରେ ଗୋଷ୍ଠୀ ଓ ପରିବାରର ଦାୟିତ୍ୱ ବୃଦ୍ଧି ଲକ୍ଷ୍ୟ



**ଫୁଲବାଣୀ,୩୧।୫(ସମିସ):** ମାନସିକ ଅସୁସ୍ଥ ବ୍ୟକ୍ତି ଯୋଗୁ ପରିବାର ଲୋକ ସମାଜରେ ଅନେକ ସମସ୍ୟାରେ ସମ୍ମୁଖିନ ହେବାକୁ ପଡିଥାଏ । ଔଷଧ ଖାଇବା ଦ୍ୱାରା ଲକ୍ଷଣ କମିଥାଏ । କିନ୍ତୁ ବ୍ୟକ୍ତି ହରାଇଥିବା କୌଶଳ ଏବଂ ଦକ୍ଷତା ଫେରି ନ ଥାଏ । ଏହି ସମସ୍ୟାକୁ ଆଖି ଆଗରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଏବଂ ବାଙ୍ଗାଲୋର ର ବେସିକ ନିଡ୍‌ଇଆ, ମିଳିତ ସହାୟତାରେ ଦୁଇ ଦିନ ଧରି ଦଡିକି ଓ ଦୁଡିକି ପଞ୍ଚାୟତରେ ଆରୋଗ୍ୟ ଲାଭ କରୁଥିବା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ନିମନ୍ତେ ପୁନଃ ଐକୀକରଣ ଶବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ସେମାନଙ୍କ ପରିବାର ଲୋକେ ସମ୍ମୁଖୀନ ହେଇଥିବା ସମସ୍ୟା ଉପରେ ଆଲୋଚନା କରଯାଇଥିଲା । ଆରୋଗ୍ୟ ଲାଭ କରିଥିବା ମାନସିକ ଅସୁସ୍ଥ ବ୍ୟକ୍ତି କିପରି ନିଜର ନିତ୍ୟବ୍ୟବହାର୍ଯ୍ୟ କୌଶଳ ଫେରି ପାରିବେ ସେ ବିଷୟରେ ବିଭିନ୍ନ ଖେଳ ଓ କାର୍ଯ୍ୟ ମାଧ୍ୟମରେ ସେମାନଙ୍କୁ ଏବଂ ସେମାନଙ୍କ ଯତ୍ନକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସ୍ୱାତୀର ଅଧ୍ୟକ୍ଷ ପ୍ରଶାନ୍ତ ଶତ୍‌ପଥୀ, ସମ୍ପାଦକ ହରିଶଙ୍କର ରାଉତ, କୋଷାଧ୍ୟକ୍ଷ ଶାନ୍ତନୁ ମିଶ୍ର ଶିବିରରେ ଯତ୍ନକାରୀଙ୍କ ସହିତ ଆଲୋଚନା କରିଥିଲେ । ଦୁଡିକି ସୁରେନ୍ଦ୍ର କହଁର ଶିବିରରେ ଉପସ୍ଥିତ ରହି ସରକାରୀ ସୁବିଧା ଓ ସୁଯୋଗ କିପରି ଅଗ୍ରାଧିକାର ହିସାବରେ ପାଇବେ ସେଥିପ୍ରତି ଧ୍ୟାନ ଦେବା ସହିତ ସେମାନେ ନିୟମିତ ଔଷଧ ସେବନ କରିବେ ଓ ଚିକିତ୍ସା ଅବ୍ୟାହତ ରଖିବେ ସେଥିନେଇ ମତ ରଖିଥିଲେ। ୨୬ ଜଣ ମାନସିକ ଅସୁସ୍ଥ ବ୍ୟକ୍ତି, ସେମାନଙ୍କ ପରିବାର ଲୋକ, ଫ୍ୟାମିଲି ସପୋର୍ଟ ଗ୍ରୁପର ସଦସ୍ୟ ଅନୁଷ୍ଠିତ ଦୁଇ ଶିବିରରେ ଅଂଶଗ୍ରହଣ କରିଥିଲେ । ତୃଣମୂଳ ସ୍ତରରେ ଏଭଳି ଅଭିନବ ସଚେତନତା କାର୍ଯ୍ୟକ୍ରମ ମାନସିକ ସ୍ୱାସ୍ଥ୍ୟସେବା କୁ ଆହୁରି ମଜଭୁତ କରିବ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱାତୀର ମାନସିକ ପ୍ରକଳ୍ପ ସଂଯୋଜକ ବୈକୁଣ୍ଠ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। କ୍ଷେତ୍ର ସଂଯୋଜକ ଆଲୋକ ସାମନ୍ତରାଏ, ସ୍ୱେଚ୍ଛାସେବୀ ସସ୍ମିତା ବେହେରା, ଦିପେସ ମହାକୁଡ ଓ ଅମ୍ବିକା ବେହେରା ପରିଚାଳନାରେ ସହଯୋଗ କରିଥିଲେ ।

● ପେଟ ପାଇଁ ନାଟ

# ଦୁଇ ଭାଇଙ୍କୁ ଦାନା ଯୋଗାଉଛି ଭିକ୍ଷାବୃତ୍ତି

**ଆସିକା,୩୧।୫(ସମିସ)**



ପେଟକୁ ମୁଠାଏ ଦାନା ପାଇଁ ଦିବ୍ୟାଙ୍ଗକୁ ଏକ ଟ୍ରଲିରେ ବସାଇ ରାସ୍ତାରେ ଭିକ୍ଷାବୃତ୍ତି କରୁଛନ୍ତି ବାହାର ରାଜ୍ୟର ଆସିଥିବା ଦୁଇ ଜଣ ଯୁବକ। ଟ୍ରଲିରେ ବସିଥିବା ଜଣଙ୍କ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇଥିବା ବେଳେ ଆଉ ଜଣେ ହେଉଛନ୍ତି ତାଙ୍କର ସମ୍ପର୍କୀୟ ଭାଇ। ବଙ୍ଗାଳି ଭାଷାରେ କହୁଥିବା ବେଳେ ପରିଚୟ ପଚାରିବାରୁ ଆମେ ଦୁଇ ଜଣ ସମ୍ପର୍କୀୟ ଭାଇ। ନିଜ ଜୀବନକୁ ବାଜି ଲଗାଇ ଦିବ୍ୟାଙ୍ଗ ଜଣଙ୍କୁ ଭିଷଣ ଖରାରେ ଆସିକା ସହରର ବିଭିନ୍ନ ଗଳି କନ୍ଦି ବୁଲାଇ ଭିକ୍ଷା ମାଗୁଛନ୍ତି ଦୁଇ ଯୁବକ। ସତରେ ଡହ ଡହ ଖରା ରେ ଏମାନଙ୍କୁ ଯିଏ ଦେଖୁଛି ସେ ଆଶ୍ଚର୍ଯ୍ୟ ହେବା ସହ କିଛି ନା କିଛି ଆର୍ଥିକ ସାହାର୍ଯ୍ୟ କରୁଛନ୍ତି। ଗାଁ ଗାଁ ବୁଲି ଭିକ୍ଷାବୃତ୍ତି କରି ଆସୁଥିବା ଏ ଦୁଇ ଜଣଙ୍କ ସଠିକ ପରିଚୟ ନଥିଲେ ମଧ୍ୟ ଏମାନେ ବାହାର ରାଜ୍ୟରୁ ଆସିଥିବା ତାଙ୍କରି ଭାଷାରୁ ଜଣା ପଡୁଛି। ଆସିକା ସହରର ଗଳି କନ୍ଦି ଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ଚାରି ଚକିଆ ଟ୍ରଲିରେ ବୁଲାଉଛନ୍ତି। ତେବେ ପେଟ ପୋଷିବା ପାଇଁ ଅନ୍ୟ କିଛି ସାଧ ନଥିବାରୁ ବାଧହୋଇ ଏହି ବୃତ୍ତିକୁ ଆପଣାଇଛୁ ବୋଲି ଦୁଇ ଯୁବକ କହିଛନ୍ତି।

## ୬୦ ହଜାର ଝାମ୍ପିନେଲେ ଦୁର୍ବୃତ୍ତ

**ଦିଗପହଣ୍ଡି,୩୧।୫(ସମିସ):** ପ୍ରଚଣ୍ଡ ଖରାରେ ଶୋଷ ମେଣ୍ଟାଇବା ପାଇଁ ଆଖୁ ରସ ପିଇବା ବେଳେ ଶୁକ୍ରବାର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମହଙ୍ଗା ପଡିଥିବା ଜଣାପଡିଛି। ଦିନ ଦିପହରରେ ଦୁର୍ବୃତ୍ତ ମାନେ ଅବସରପ୍ରାପ୍ତ ଶିକ୍ଷକଙ୍କ ବାଇକରୁ ନଗଦ ୬୦ ହଜାର ଟଙ୍କା ଥିବା ବ୍ୟାଗକୁ ଲୁଟ କରି ଫେରାର ହୋଇଯାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଦିଗପହଣ୍ଡି ସହର ସ୍ଥିତ ପୁଞ୍ଜିକର୍ୟା ଛକରେ। ଲୁଟର ଶିକାର ହୋଇଛନ୍ତି ଦିଗପହଣ୍ଡି ବ୍ଲକ ବାଲିଯୋଡି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭୂଷଣ ପ୍ରଧାନ। ସେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ ଟାରେ ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାରେ ଥିବା କାନାରା ବ୍ୟାଙ୍କକୁ ଟଙ୍କା ଉଠାଣ ନିମନ୍ତେ ଆସିଥିଲେ। ଏହାପରେ ସେ ପାସବୁକରୁ ୬୦ ହଜାର ଟଙ୍କା ଉଠାଇବା ସହ ଟଙ୍କା, ପାସବୁକ ଏବଂ କିଛି ଜରୁରୀ କାଗଜପତ୍ରକୁ ଏକ ବ୍ୟାଗରେ ଧରି ନିଜ ଗ୍ରାମ ବାଲିଯୋଡି ଫେରୁଥିଲେ। ତେବେ ଶୋଷ ଲାଗିବାରୁ ନିଜ ବାଇକ୍ ରଖି ଟଙ୍କା ଭର୍ତ୍ତି ବ୍ୟାଗକୁ ବାଇକ ହ୍ୟାଣ୍ଡଲରେ ଝୁଲାଇ ଦେଇ ଆଖୁ ରସ ପିଇବା ପାଇଁ ଯାଇଥିଲେ। ତେବେ ସେଠାରୁ ଫେରିବା ପରେ ବାଇକ ହ୍ୟାଣ୍ଡଲରେ ବ୍ୟାଗ ନଥିବା ଦେଖିବାକୁ ପାଇଥିଲେ। ଲୁଟର ଶିକାର ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ଜଣକ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ ତଦନ୍ତ ଚଳାଇଛି।

## ଆଶ୍ୱସ୍ତି ଆଣିଲା କାଳବୈଶାଖୀ

**ଆସିକା,୩୧।୫(ସମିସ):** ସାରା ରାଜ୍ୟରେ ଏବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସକାଳ ୮ଟାରୁ ବାହାରକୁ ବାହାରି ହେଉନି। ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ସ୍ଥିତିକୁ ଅଧିକ ସଙ୍ଗୀନ କରୁଛି। ତେବେ ଏହାରି ଭିତରେ ଶୁକ୍ରବାର ଅପରାହ୍ନରେ ଆସିକା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଫଳରେ ଦୀର୍ଘଦିନ ଧରି ଲାଗି ରହିଥିବା ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତି ଅନୁଭବ କରୁଛନ୍ତି। ତେବେ ଆଗକୁ ମୌସୁମୀ ଆସୁଥିବାରୁ ଏଣିକି ଗ୍ରୀଷ୍ମର ପ୍ରକୋପ ଧୀରେ ଧୀରେ କମିବ ବୋଲି ଆଶା କରାଯାଉଛି।



## ୫ ଦିନର ଶିଶୁପୁତ୍ର ଉଦ୍ଧାର

**ବ୍ରହ୍ମପୁର, ୩୧।୫(ସମିସ):** ଗୋଷାଣିନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରୁ ଏକ ୫ ଦିନର ଶିଶୁପୁତ୍ର ଉଦ୍ଧାର ହୋଇଛି। ବାଳାଶ୍ରମ ବାହାରେ ରହିଥିବା ଶିଶୁ ରଖିବା ସ୍ଥଳିରେ ଗତକାଲି ରାତିରେ କେହି ଜଣେ ଏହି ଶିଶୁଟିକୁ ରଖି ଚାଲି ଯାଇଥିଲେ। ଆଜି ସକାଳ ୭ଟା ବେଳେ ବାଳାଶ୍ରମ କର୍ମଚାରୀ ଶିଶୁଟିକୁ ଦେଖି ଭିତରକୁ ନେଇଥିଲେ। ଏହା ପରେ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏମକେସିଜିକୁ ଅଣାଯାଇଥିଲା। ଶିଶୁଟି ସୁସ୍ଥ ଥିବା ଜଣାପଡ଼ିଛି। କିଏ ଏବଂ କାହିଁକି ଏହି ଶିଶୁଟିକୁ ବାଳାଶ୍ରମରେ ଛାଡି ଚାଲି ଯାଇଛି ତାହା ଜଣାପଡ଼ିନାହିଁ।

## ବ୍ରହ୍ମାନଗର ଓ ଜ୍ୟୋତିନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଶ୍ୱ ନିକେତନ ଜରା ନିବାସ ପରିଦର୍ଶନ

**ବ୍ରହ୍ମପୁର, ୩୧।୫(ସମିସ):** ବ୍ରହ୍ମାନଗର ଓ ଜ୍ୟୋତିନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୋପାଳପୁର ରୋଡ୍‌ସ୍ଥିତ ରାମଚନ୍ଦ୍ରପୁରସ୍ଥିତ ବିଶ୍ୱ ନିକେତନ ଜରା ନିବାସ ପରିଦର୍ଶନ କରାଯାଇଛି। ମଞ୍ଚର ବାର ଜଣିଆ ପ୍ରତିନିଧି ଦଳ ପରିଦର୍ଶନ କରିବା ସହ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ, ବିସ୍କୁଟ ଓ ପାଉଁରୋଟି ପ୍ରଦାନ କରିଥିଲେ। ଏହା ସହ ସେମାନଙ୍କ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ପରେ ମଞ୍ଚ ବୟୋଜ୍ୟେଷ୍ଠ ସଦସ୍ୟ ପ୍ରଫେସର ରମେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ମହାନ୍ ସଂଘ ପକ୍ଷରୁ ଏଭଳି ବରିଷ୍ଠ ନାଗରିକଙ୍କ ପ୍ରଦାନ କରାଯାଇଥିବା ବେଳେ ମଞ୍ଚ ପକ୍ଷରୁ ଏପରି ସେବା କାର୍ଯ୍ୟକୁ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ସଂଯୋଜକ ଉମାଶଙ୍କର ପାଣି, ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ନରୋତ୍ତମ ଦାଶ, ସୁକାନ୍ତ କୁମାର ପଟ୍ଟନାୟକ, ଈଶ୍ୱର ପ୍ରସାଦ ସାହୁ, ଗଣେଶ୍ୱର ମିଶ୍ର, ଶ୍ୟାମ ପ୍ରସାଦ ସାମଲ, ଭବାନୀ ଉଦ୍‌ଗାତା, ମିନତି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ରାମ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା



**ବ୍ରହ୍ମପୁର, ୩୧।୫(ସମିସ):** ରାମ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଧୁଭୂଷଣ ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ ଏକ ସଭାରେ ଡ଼ ହରିହର ମୁନି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଡ଼ ଈଶ୍ୱରୀ ପ୍ରସାଦ ସାହୁ, ମମତା କୁମାରୀ ମିଶ୍ର, ମଙ୍ଗୁଲିଆ ସେଣ୍ଟ, ଡ଼ ଗଗନ ବିହାରୀ ପୁରୋହିତ, ଡ଼ ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି ଅଧ୍ୟକ୍ଷଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ କୁମାର ପାତ୍ର ମାନପତ୍ର ପାଠ କରିଥିଲେ। ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ଶର୍ମିଳା ପଣ୍ଡାଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଦେଇ ଏଠାରେ ସ୍ୱାଗତ କରାଯାଇଥିଲା। ଏଥିରେ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ଦକ୍ଷିଣାଞ୍ଚଳ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳର ଉପ-ନିର୍ଦ୍ଦେଶକ ଡ଼ ସୁଶାନ୍ତ କୁମାର ଦାସ ଉପସ୍ଥିତ ରହି ବିଧୁଭୂଷଣ ନାୟକଙ୍କୁ ସମ୍ମାନିତ କରିଥିଲେ।

## ଗରମ ଦାଉରୁ ରକ୍ଷା; ବର୍ଷା ଆଣିଲା ଆଶ୍ୱସ୍ତି

**ବ୍ରହ୍ମପୁର, ୩୧।୫(ସମିସ):** ଗତ ତିନିଦିନ ହେବ ବ୍ରହ୍ମପୁର ସହରରେ ଅସହ୍ୟ ଗରମ ଦେଖାଦେଇଛି। ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଓ ଗରମରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ହେଲେ ଶୁକ୍ରବାର ସନ୍ଧ୍ୟାରେ ସହରରେ ବର୍ଷା ହୋଇଛି। ଅଧଘଣ୍ଟା ହୋଇଥିବା ଏହି ବର୍ଷା ସମସ୍ତଙ୍କ ମନରେ ଆଶ୍ୱସ୍ତି ଆଣିଦେଇଛି। ଦିନତମାମ ଗୁଳୁଗୁଳିରୁ ସମ୍ପ୍ରତି ସାମାନ୍ୟ ରକ୍ଷା ପାଇଛନ୍ତି ସହରବାସୀ। ବର୍ଷା ପ୍ରଭାବରେ ଚାରିଆଡ଼େ ପାଣି ଲହରି ଦେଖାଦେଇଛି। ବର୍ଷା ସମୟରେ ବିଜୁଳି ଓ ଘଡ଼ଘଡ଼ି ହୋଇଥିବା ଦେଖିବାକୁ ମିଳିଛି। ଏଥିସହ ଗାଇଗୋରୁ ମଧ୍ୟ ଟିକିଏ ଥଣ୍ଡା ଅନୁଭବ କରିଛନ୍ତି। ଗତ ବାତ୍ୟା ପରେ ପାଣିପାଗରେ ପରିବର୍ତ୍ତନ ହୋଇଥିଲା। ଜଳୀୟ ବାଷ୍ପ ରହିଥିଲା। ତାହ ବର୍ତ୍ତମାନ ବର୍ଷା ଆକାରରେ ପରିଣତ ହୋଇଥିଲା। ଏହିକ୍ରମରେ କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ ଶନିବାର ମଧ୍ୟ କିଛି ଯାଗାରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଏଣେ ଗରମ ଓ ଗୁଳୁଗୁଳି ଜାରି ରହିଥିବା ବେଳେ ବର୍ଷା ଆଶ୍ୱସ୍ତି ଦେଇଛି।

### ଟୁନା ଦାସ ହତ୍ୟାକାଣ୍ଡ ଘଟଣା

# ମାଷ୍ଟରମାଇଣ୍ଡ 'ମୋହନ' ସମେତ ୫ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୩୧।୫(ସମିସ)

ଦୁର୍ଦ୍ଦାନ୍ତ ଅପରାଧୀ ତଥା ଖଲାସୀ ସାହିର ଟୁନା ଦାସ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ଗୋଷାଣିନୂଆଗାଁ ଥାନା ପୁଲିସ। ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ମୋହନ ରାଓଙ୍କ ସମେତ ମୋଟ ୫ଜଣ ହତ୍ୟାକାରୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ମାଛବନ୍ଧ ସାହିର ତଥା ମାଷ୍ଟର ମାଇଣ୍ଡ କୁହାଯାଉଥିବା ମୋହନ ରାଓ (୨୨), ଲକ୍ଷ୍ମୀନୃସିଂହ ସାହିର ବଂଶୀଧର ସାହୁ ଓରଫ୍ ଭିକି (୨୩) ଓ ଜଗବନ୍ଧୁ ସାହିର ପପୁନ ନାୟକ(୨୩), ଲେପ୍ରସି କଲୋନୀର ଆର. ରବି ରାଓ(୨୧) ଏବଂ ହାଉସିଂ ବୋର୍ଡ କଲୋନୀର ସୁରଜ କୁମାର (୨୦) ଅନ୍ତର୍ଭୁକ୍ତ ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ସେପଟେ ଗିରଫ ସମସ୍ତ ଅଭିଯୁକ୍ତଙ୍କ ଜାମୀନ ଆବେଦନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା ରହିଥିବା ବେଳେ ମୋହନଙ୍କ ନାମରେ ୪ଟି ସଙ୍ଗିନ ମାମଲା ରହିଥିବା ଜଣାପଡ଼ିଛି। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଜଗବନ୍ଧୁ ସାହିର ସୁନିଲ ନାୟକ ସମେତ ଜଣେ ନାବାଳକ ଏହି ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ରହି ବର୍ତ୍ତମାନ ସୁଦ୍ଧା ଫେରାର ଥିବା ଜଣାପଡ଼ିଛି। ଫେରାର ସୁନିଲ ଓ ନାବାଳକଙ୍କୁ କାବୁ କରିବା ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଏଥିରେ ଖୁବଶୀଘ୍ର ସଫଳତା ମିଳିବ ବୋଲି ପୁଲିସ ଦୃଢୋକ୍ତି ପ୍ରକାଶ କରିଛି। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୩ଟି ଖଣ୍ଡା ଓ ୪ଟି ମୋବାଇଲ ସହ ୨ଟି ମୋପେଡ ଜବତ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ମୋହନଙ୍କ ପରିବାର ଜଣେ ମହିଳା ସଦସ୍ୟଙ୍କ ସହ ଟୁନା ଦାସର ସମ୍ପର୍କ ରହିଥିବା ଜାଣିବା ପରେ ମୋହନଙ୍କ ବାପା ଦଣ୍ଡ ଟୁନାକୁ ଉକ୍ତ ମହିଳାଙ୍କ ଠାରୁ ଦୂରେଇ ରହିବାକୁ ତାଗିଦ କରିଥିଲା। ତେବେ ଟୁନା ଦାସ ମୋହନଙ୍କ ବାପାଙ୍କ କଥାକୁ ଆଦୌ ଗୁରୁତ୍ୱ ଦେଇନଥିଲା। ବାରମ୍ବାର କହିବା ପରେ ମଧ୍ୟ ଟୁନା ଉକ୍ତ ମହିଳାଙ୍କ ସହ ମିଳାମିଶା ଜାରି ରଖିଥିଲା। ଏହି ବିଷୟକୁ ନେଇ ଟୁନାଙ୍କ ସହ ମୋହନ ଓ ତାଙ୍କ ବାପା ଦଣ୍ଡଙ୍କ ମଧ୍ୟରେ ପୂର୍ବରୁ ଏକାଧିକ ଥର ବଚସା ମଧ୍ୟ ହୋଇଥିଲା। କିଛିବର୍ଷ ପୂର୍ବେ ଉକ୍ତ କାରଣକୁ ନେଇ ମୋହନ ରାଓ ଓ ତାଙ୍କ ବାପା ଦଣ୍ଡପାଣିଙ୍କୁ ଟୁନା ଦାସ ଆକ୍ରମଣ କରିଥିଲା। ଏଥିରେ ମୋହନ ଓ ତାଙ୍କ ବାପା ଗୁରୁତର ଆହତ ହୋଇଥିଲେ। ଏନେଇ ମୋହନଙ୍କ ପରିବାର ପକ୍ଷରୁ ବଡବଜାର ଥାନାରେ ହୋଇଥିବା ମାମଲାରେ ଆପୋଷ ସମାଧାନ ନକଲେ ମୋହନଙ୍କୁ ହତ୍ୟା କରିବା ନେଇ ଟୁନା ଦାସ ମୋହନଙ୍କ ମାଆ ଓ ଭାଇଙ୍କୁ ଧମକ ଦେଇଥିଲେ। ମୋହନଙ୍କ ପରିବାର ବର୍ଗଙ୍କୁ ଟୁନା ଦେଇଥିବା ଧମକର ପ୍ରତିଶୋଧ ନେବା ପାଇଁ ମୋହନ ପୂର୍ବରୁ ଟୁନାକୁ ଆକ୍ରମଣ କରିବା ନେଇ ୬ମାସ ପୂର୍ବରୁ ଯୋଜନା ପ୍ରସ୍ତୁତ କରିଥିଲା। ଗତ ୨୮ ତାରିଖରେ ଟୁନା ହାଉସିଂ ବୋର୍ଡ ଅଞ୍ଚଳରେ ଥିବା ମୋହନକୁ ଖବର ମିଳିଥିଲା। ଖବର ମୁତାବକ ଟୁନା ନିଜର ୬ଜଣ ସହଯୋଗୀଙ୍କ ସହ ମୋହନଙ୍କ ଘର ନିକଟସ୍ଥ ଏକ ପଡ଼ିଆରେ ଏକାଠି ହୋଇ ମଦ୍ୟପାନ କରି ସୁଯୋଗ ଅପେକ୍ଷାରେ ଥିଲେ। ଏହି ସୁଯୋଗକୁ ହାତଛଡା ନକରିବାକୁ ନିଷ୍ପତ୍ତି ନେଇଥିଲା ମୋହନ। ଏବଂ ତୁରନ୍ତ ମୋହନ ନିଜର ସହଯୋଗୀଙ୍କୁ ନେଇ ହାଉସିଂ ବୋର୍ଡ କଲୋନୀ ନିକଟରେ ଏକ ଟାଟୁ ଦୋକନରେ ଥିବା ଟୁନାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଯାହା ଫଳରେ ଟୁନାର ଗୋଟିଏ ହାତ ଛିଣ୍ଡିଯିବା ସହ ଅନ୍ୟ ହାତଟିରେ ମଧ୍ୟ ଗଭୀର କ୍ଷତ ଲାଗିଥିଲା। ଏପରିକି ଟୁନାଙ୍କ ମୁଣ୍ଡକୁ ମଧ୍ୟ ଖଣ୍ଡାରେ ହଣାଯାଇଥିବାରୁ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣା ଭିଆଇବା ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଟୁନାକୁ ଉଦ୍ଧାର କରି ମେଡ଼ିକାଲକୁ ସ୍ଥାନାନ୍ତର ବେଳେ ଟୁନାଙ୍କ ମୃତ୍ୟୁ ହୋଇଥିଲା। ମେଡ଼ିକାଲରେ ଟୁନାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଟୁନାର ଭାଇ ମୁନା ଦାସ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା।



- ପୂର୍ବ ଶତ୍ରୁତାରୁ କରାଯାଇଛି ସଂଘବଦ୍ଧ ହତ୍ୟା
- ଅଭିଯୁକ୍ତଙ୍କଠାରୁ ୩ଟି ଖଣ୍ଡା, ୨ଟି ମୋପେଡ ଓ ୪ଟି ମୋବାଇଲ ଜବତ
- ପୁଲିସ ସ୍କାନରରେ ଫେରାର ଅନ୍ୟତମ ଅଭିଯୁକ୍ତ 'ସୁନିଲ' ଓ ଜଣେ ନାବାଳକ

### 'ନୂଆ-ଓ' ଡିଜିଟାଲ ଡେସ୍କ ସାହାଯ୍ୟରେ ନୂତନ ଆବିଷ୍କାର

## ବ୍ରହ୍ମପୁର ଆଇଟିଆଇ ନିର୍ମାଣ କଲା ଝୁଲା ଟେବୁଲ୍

ବ୍ରହ୍ମପୁର, ୩୧।୫(ସମିସ)

ନଷ୍ଟ ଦ୍ରବ୍ୟରୁ ଶ୍ରେଷ୍ଠ କଳାକୃତି ନିର୍ମାଣ କରିବାରେ ବ୍ରହ୍ମପୁର ଆଇଟିଆଇ ଦେଶର ଏକ ପ୍ରମୁଖ ଅନୁଷ୍ଠାନ ଭାବେ ପରିଗଣିତ ହୋଇଛି। ସରକାରୀ ସ୍ତରରେ ମିଳୁଥିବା ସହଯୋଗ ଓ ପ୍ରୋତ୍ସାହନକୁ ପ୍ରାଧାନ୍ୟ ଦେଇ ଏହି ଅନୁଷ୍ଠାନ ନୂତନ ଆବିଷ୍କାର ପଥରେ ଅଗ୍ରସର ହୋଇଛି। ରାଜ୍ୟ ସରକାରଙ୍କ 'ନୂଆ-ଓ' ଯୋଜନା ଜରିଆରେ ଆଇଟିଆଇ ଅନୁଷ୍ଠାନ ମାନଙ୍କୁ ଡିଜିଟାଲ ଡେସ୍କ ପ୍ରଦାନ କରାଯାଇଛି। ଏହାକୁ ସଦୁପଯୋଗ କରି ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଝୁଲା ଟେବୁଲ ନିର୍ମାଣ କରାଯାଇଛି। ଏନେଇ ଆଇଟିଆଇର ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ବ୍ରହ୍ମପୁର ଆଇଟିଆଇ 'ନୂଆ-ଓ' ଡିଜିଟାଲ ଡେସ୍କ ସହଯୋଗରେ ଫିଜିକ୍ସର ବ୍ୟବହାରକୁ ପ୍ରାଧାନ୍ୟ ଦେଇଛି। ଏକ ନିୟମ ପ୍ରକାରେ ସବୁ ଓଜନ ନିର୍ଦ୍ଦିଷ୍ଟ ଜାଗାରେ ସୀମିତ ରହିଲା ଭଳି ସେଣ୍ଟ୍ରାଲ ଅଫ ଗ୍ରାଭିଟି ଜରିଆରେ ଝୁଲା ସାମଗ୍ରୀ ନିର୍ମାଣକୁ ଅଗ୍ରାଧିକାର ଦେଇଛି। ଏହିକ୍ରମରେ ଘର ଓ ଅଫିସ ଭିତର ଡେକରେସନ ଲାଗି ବିଭିନ୍ନ ପ୍ରକାରର ନୂତନ ଡିଜାଇନର ଟେବୁଲ ନିର୍ମାଣ କରାଯାଇଛି। ଏଥିରେ ସମସ୍ତେ ଠାକୁର ରଖିପାରିବା ସହିତ, ବିଭିନ୍ନ କ୍ଷେତ୍ରରେ ଉପଯୋଗ କରିପାରିବେ ବୋଲି ଅଧ୍ୟକ୍ଷ ଶ୍ରୀ ପାଣିଗ୍ରାହୀ କହିଛନ୍ତି। ଏହି ଡିଜାଇନରେ ଟେବୁଲ ଅନଲାଇନରେ ଡ୍ୟାନ୍ସି ଟେବୁଲ ନାମରେ ବିକ୍ରୀ ହେଉଛି। କିନ୍ତୁ ଏହାକୁ ବ୍ରହ୍ମପୁର ଆଇଟିଆଇ ନଷ୍ଟ ଦ୍ରବ୍ୟରେ ତିଆରି କରିଛି। ନିର୍ମିତ ଝୁଲା ଟେବୁଲରେ ସାଇକଲ ଓ ବାଇକ ଚେନ, ବ୍ରେକ ତାର ଆଦି ବ୍ୟବହୃତ ହୋଇଛି। ନୂଆ-ଓ ଡିଜିଟାଲ ଅଟୋ ଡେସ୍କ ଜରିଆରେ ବିଦ୍ୟାର୍ଥୀଙ୍କୁ ପ୍ରକଳ୍ପ ଭାବେ ଏହା ପ୍ରଦାନ କରାଯାଇଥିଲା। ବୈଷୟିକ ସହଯୋଗରେ ଆଇଟିଆଇ ପକ୍ଷରୁ ଏହାକୁ ନିର୍ମାଣ କରିଥିଲେ। ଏହାକୁ ଟେନସଗ୍ରିଟି ବୋଲି ମଧ୍ୟ କୁହାଯାଏ। ଏହା ପ୍ରଥମାର୍ଦ୍ଧରେ ସମସ୍ତଙ୍କୁ ଶିଖାଇବା ଲାଗି ଆଶା କରାଯାଉଛି। ଫିଜିକ୍ସର ସରଳ ନିୟମ ଆଧାରରେ କେନ୍ଦ୍ରୟ ସର୍କଲକୁ ନେଇ କାମ କଲେ ଏହି ପ୍ରକଳ୍ପ ସଫଳ ରୂପାୟନ ହୋଇପାରିବ ବୋଲି ଏଠାରେ କୁହାଯାଇଛି। ବ୍ରହ୍ମପୁର ଆଇଟିଆଇ ସବୁବେଳେ କିଛି ନୂଆ କରି ସବୁବେଳେ ଚର୍ଚ୍ଚାରେ ରହିଛି।

ସୂଚନା ପ୍ରକାରେ ଆଇଟିଆଇ ପକ୍ଷରୁ ସମ୍ପ୍ରତି ଝୁଲା ଟେବୁଲ ତିଆରି କରାଯାଇଛି। ଏହା ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟ ମାନଙ୍କରେ ସ୍ଥାନ ପାଇବ। ସେହିଭଳି ବିଭିନ୍ନ କାର୍ଯ୍ୟାଳୟର ଶୋଭାବର୍ଦ୍ଧନ କରିବ। ବଜାର ଦରରୁ ବହୁ କମ ଦରରେ ଏହା ଉପଲବ୍ଧ ହୋଇପାରିବ। ଏହାକୁ ପ୍ରଥମେ ଥ୍ରୀଡି ଡିଜାଇନ କରି ଆଟୋ ଡେସ୍କରେ ଡ୍ରଇଂରେ ପକାଇ ପ୍ରସ୍ତୁତ କରାଯାଇଥାଏ। ତା'ପରେ ପଦାର୍ଥ ବିଜ୍ଞାନର ସୂତ୍ର ଅନୁସାରେ ଏହାକୁ ପ୍ରସ୍ତୁତ କରାଯାଇଥାଏ। ଏହା ପରିବେଶ ଉପଯୋଗୀ ମଧ୍ୟ ହୋଇଥାଏ। ବଜାରରେ ଏହାର ଦର ସର୍ବାଗେ ରହିଛି। ଘରୋଇ ସୁନ୍ଦରକରଣ ଲାଗି ଏହାକୁ ବ୍ୟବହାର କରାଯାଇପାରିବ।



## ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ୍ ପ୍ରଶିକ୍ଷଣ ଶିବିରରେ ସମର କପ୍ ଉଦ୍‌ଘାଟିତ



**ବ୍ରହ୍ମପୁର, ୩୧।୫(ସମିସ):** ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ଆୟୋଜିତ ମାସିକିଆ ଗ୍ରୀଷ୍ମକାଳୀନ ଶିବିର ସମର କପ୍ ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ପୂର୍ବତନ କ୍ରୀଡ଼ାବିତ୍ ଅଜୟ କୁମାର ମହାରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ଜିଲ୍ଲା ହ୍ୟାଣ୍ଡବଲ ସଂଗଠନର ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଂଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁଙ୍କ ସହ କର୍ମକର୍ତ୍ତା ଦୁଷ୍ମନ୍ତ ପାଢ଼ୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଭିନ୍ନ ବର୍ଗ ଯଥା ମିନି, ସବ ଜୁନିୟର ଓ ଜୁନିୟର ବାଳକ ବାଳିକାଙ୍କୁ ନେଇ ୧୪ଟି ଟିମରେ ବିଭକ୍ତ କରି ଖେଳାଳିମାନଙ୍କୁ ନେଇ ଗ୍ରୀଷ୍ମକାଳୀନ ସମର କପ ଆୟୋଜନ କରାଯାଇଛି। ଏହି ସମର କପ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର, ଶନିବାର ଓ ରବିବାର ୩ଦିନ ଧରି ବିଭିନ୍ନ ମ୍ୟାଚ ଆୟୋଜିତ ହେବ। ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୨୨୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କଠାରୁ ଖେଳାଳିମାନେ ତାଲିମ ନେଉଛନ୍ତି। ଚଳିତ ମାସ ୨ତାରିଖରେ ଉକ୍ତ ଶିବିର ଉଦ୍‌ଯାପିତ ହେବ ବୋଲି ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ କୁହାଯାଇଛି।

### କ୍ରାନ୍ତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ

## ମାନବଶୃଙ୍ଖଳରେ ତମାଖୁମୁକ୍ତ ଭାରତ ଲାଗି ଶପଥ




**ବ୍ରହ୍ମପୁର, ୩୧।୫(ସମିସ):** ବ୍ରହ୍ମାନଗରସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଓ ସରକାରୀ ଆଇଟିଆଇ ମିଳିତ ସହଯୋଗରେ ବିଶ୍ୱ ତମାଖୁ ବର୍ଜନ ଦିବସ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ.ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ମଧୁମେୟ ଡାକ୍ତର ସୁନିଲ କୋଟା, ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ଟିବି ଓ ଚେଷ୍ଟର ଏସୋସିଏଟ ପ୍ରଫେସର ଡାକ୍ତର ପ୍ରୀୟଜୀତ ଜେନା ଓ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତମାଖୁ ସେବନର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ୧୫୦୦ ଛାତ୍ରଛାତ୍ରୀଙ୍କୁ ନେଇ ଏକ କର୍କଟ ରୋଗର ଲୋଗ ଉପରେ ମାନବ ଶୃଙ୍ଖଳ ମାଧ୍ୟମରେ ତମାଖୁମୁକ୍ତ ଭାରତ ଗଠନ ପାଇଁ ବଜ୍ର ଶପଥ ନେଇଥିଲେ। କ୍ରାନ୍ତିର ଡ. ଦାଶ ସେ ଜଣେ ମୁଖ କର୍କଟ ରୋଗୀ ହୋଇଥିବା ଯୋଗୁଁ ତାଙ୍କର କଷ୍ଟ ଓ ଯନ୍ତ୍ରଣା ମାଧ୍ୟମରେ ସମସ୍ତଙ୍କୁ ସଚେତନତା କରି କିପରି ତମାଖୁମୁକ୍ତ ଭାରତ ହୋଇ ପାରିବ ହାତଯୋଡି ନିବେଦନ କରିଥିଲେ। ପରେ ପରେ କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ ୟୁସିପି ଇଞ୍ଜିନିୟରିଂ ସ୍କୁଲ୍ ସମ୍ମୁଖରେ ଛିଡ଼ା ହୋଇ ଜନସାଧାରଣ ପ୍ରଚାର ପତ୍ର ମାଧ୍ୟମରେ ସଚେତନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଚର୍ଚ୍ଚିକା ଦାଶ, ସିଗ୍ଧାଧା ମହାରଣା, ଅନିଲ କୁମାର ସେଠୀ, ପରମାନନ୍ଦ ପଣ୍ଡା, ଚିନ୍ମୟାନନ୍ଦ ଦାଶ, ସୁଭ୍ରାଂଶି ମହାରଣା ସମେତ କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗର ହାତ ବଢ଼ାଇଥିଲେ।

### ସଠିକ୍ ସମୟରେ ଆସୁନାହାନ୍ତି ଡାକ୍ତର

# କର୍କଟ ବିଭାଗରେ ରୋଗୀ ହନ୍ତସନ୍ତ

ବ୍ରହ୍ମପୁର, ୩୧।୫(ସମିସ)

ବିଭିନ୍ନ ସମୟରେ ଏମ୍‌କେସିଜି ମେଡିକାଲରେ କାର୍ଯ୍ୟରତ ବହୁ ଡାକ୍ତର ରୋଗୀ ସେବାରେ ଅବହେଳା କରିଥିବା ନଜିର ରହିଛି। ଏଭଳି ଘଟଣାକ୍ରମକୁ ନେଇ ମେଡିକାଲ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ମଧ୍ୟ ହେଉଛି। ବର୍ତ୍ତମାନ ମେଡିକାଲର କର୍କଟ ବିଭାଗରେ ରୋଗୀଙ୍କ ଚିକିତ୍ସାରେ ଅବହେଳା ହେଉଥିବା ଅଭିଯୋଗ ହୋଇଛି। ସଠିକ୍ ସମୟରେ ଡାକ୍ତର ରୋଗୀ ଦେଖିବାକୁ ଆସୁନଥିବା ବେଳେ ରୋଗୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ କର୍କଟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡା. ବିଷ୍ଣୁ ପ୍ରସାଦ ଦାଶ ଅଭିଯୋଗକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବିଭାଗରେ କାର୍ଯ୍ୟ କରୁଥିବା ସମସ୍ତ ଡାକ୍ତରଙ୍କୁ ସଠିକ୍ ସମୟରେ ବିଭାଗରେ ଉପସ୍ଥିତ ହେବା ସହ ରୋଗୀଙ୍କ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ମଧ୍ୟାହ୍ନ ସମୟରେ ବିଭାଗରେ ଡାକ୍ତର ଅନୁପସ୍ଥିତ ରହୁଥିବା ଦେଖାଦେଇଛି। ତେଣୁ ଉକ୍ତ ସମୟରେ ମଧ୍ୟ ଡାକ୍ତର ଉପସ୍ଥିତ ରହି ରୋଗୀ ସେବା ଯୋଗାଇବା ସହ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆଉଟ୍ ଡୋରରେ ରୋଗୀଙ୍କ ଚିକିତ୍ସା କରିବାକୁ ଡା. ଦାଶ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏଥିରେ କୌଣସି ଡାକ୍ତର ଅବହେଳା କରନ୍ତି ତେବେ ଘଟଣାକୁ ନେଇ ସେ ମେଡିକାଲ କର୍ତ୍ତୃପକ୍ଷ ଓ ଡିଏମଇଟିଙ୍କୁ ଅବଗତ କରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ ଯେ, ଏମକେସିଜି ମେଡିକାଲର କର୍କଟ ରୋଗ ବିଭାଗର ଉପରେ ଦକ୍ଷିଣ ଓଡ଼ିଶାର ବହୁତ୍ ଗରିବ ରୋଗୀ ନିର୍ଭର କରୁଛନ୍ତି। ରୋଗୀଙ୍କ ନିମନ୍ତେ ବିଭାଗରେ ମୋଟ ୨୦ଟି ଶଯ୍ୟା ରହିଥିବା ବେଳେ ରୋଗୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମେଡିକାଲ ପକ୍ଷରୁ ଅତିରିକ୍ତ ୧୯ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି। କହିବାକୁ ଗଲେ କର୍କଟ ବିଭାଗରେ ରୋଗୀଙ୍କ ନିମନ୍ତେ ସର୍ବମୋଟ ୩୯ଟି ଶଯ୍ୟା ରହିଛି। ସେହିପରି ରୋଗୀଙ୍କ ଚିକିତ୍ସା ନିମନ୍ତେ ବିଭାର ଜଣେ ଲେଖାଏଁ ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ସର୍ଜନ ଓ ସିନିୟର୍ ରେସିଡାଣ୍ଟ ଡାକ୍ତର ରହିଛନ୍ତି। ପ୍ରତ୍ୟେକ ଦିନ ବିଭାଗକୁ ମୋଟ ୪୦ରୁ ୫୦ଜଣ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ପୂର୍ବରୁ ବିଭାଗରେ ଡାକ୍ତର ଅଭାବ ଥିବା ବେଳେ କାର୍ଯ୍ୟରେ ଥିବା ଡାକ୍ତର ରୋଗୀ ଚିକିତ୍ସା ଅବହେଳା କରୁଛନ୍ତି। ଏଠାକୁ ବହୁ ଦୂର ଦୂରାନ୍ତର ରୋଗୀ ଆସିଥିବା ବେଳେ ଚିକିତ୍ସା ନିମନ୍ତେ ୨ରୁ ୩ଦିନ ପର୍ଯ୍ୟନ୍ତ ମେଡ଼ିକାଲରେ ପଡ଼ି ରହିଥାନ୍ତି। ସଠିକ୍ ସମୟରେ ଡାକ୍ତର ବିଭାର ନଥିବା ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ମୁଖ୍ୟ ଏଭଳି ନିର୍ଦ୍ଦେଶନାମାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ତେବେ ଏହି ନିର୍ଦ୍ଦେଶନାମାକୁ ବିଭାଗର ଡାକ୍ତରମାନେ କିଭଳି କାର୍ଯ୍ୟକାରୀ କରୁଛନ୍ତି; ତାହା ହିଁ ଦେଖିବାକୁ ବାକି ରହିଲା।




**ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରୋଗୀ ଦେଖିବାକୁ ନିର୍ଦ୍ଦେଶ**

**କାର୍ଯ୍ୟରେ ଅବହେଳା କଲେ ଡିଏମ୍‌ଇଟିଙ୍କୁ ଅବଗତ କରାଯିବ**

## ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜରୁରିକାଳୀନ ବୈଠକ

# ଅଂଶୁଘାତ ମୃତ୍ୟୁ ରୋକିବା ପାଇଁ ସତର୍କ ରହିବାକୁ ପରାମର୍ଶ

**ପାରଳାଖେମୁଣ୍ଡି, ୩୧।୫(ସମିସ)**




ଗଜପତି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ଦିନଗୁଡିକରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ଏଣୁ ଜନ ସାଧାରଣଙ୍କୁ ସତର୍କ ରହିବା ସହିତ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତ ଆଶଙ୍କା ରହିଥିବାରୁ ସ୍ୱାସ୍ଥ୍ୟ ବିଭାଗକୁ ପକ୍ଷରୁ ଆବଶ୍ୟକ ପରିମାଣ ଓଆରଏସ ଦ୍ରବଣ ଓ ଔଷଧ ମହଜୁଦ ରଖିବା ସହିତ ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା। ସେହିପରି ସମସ୍ତ ଗ୍ରାମାଞ୍ଚଳ ଓ ସହରର ବିଭିନ୍ନ ଛକ ଜାଗାରେ ଜଳଛତ୍ର ମାନ ଖୋଲାଯାଇ ପ୍ରଚୁର ପାଣି ରଖିବାକୁ କୁହାଯାଇଛି। ସମସ୍ତ ଆଶା ଓ ଅଙ୍ଗନବାଡ଼ି କର୍ମୀ ନିଜ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ଗ୍ରୀଷ୍ମ ପ୍ରବାହ ସମ୍ପର୍କିତ ସଚେତନ କରିବା ପାଇଁ କୁହାଯାଇଛି। ଜିଲ୍ଲାର ଶ୍ରମିକଙ୍କ ସମୟ ସାରଣୀ ଅନୁଯାୟୀ କାର୍ଯ୍ୟ କରିବାକୁ କୁହାଯାଇଛି। ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୩ ଘଟିକା ସମୟ ପର୍ଯ୍ୟନ୍ତ ଟାଣ ଖରା ରହିଥିବାରୁ କାର୍ଯ୍ୟ ନ କରିବାକୁ ପରାମର୍ଶ ଦିଆଯାଇଛି। ଯାତାୟାତ ସମୟରେ ସମସ୍ତ ବସ୍‌ରେ ଓଆରଏସ ପ୍ୟାକେଟ ସହିତ ପାଣି ବୋତଲ ରଖିବାକୁ କୁହାଯାଇଛି। ସେହିପରି ଜରୁରୀ କାମରେ ବାହାରକୁ ଯିବାକୁ ହେଲେ କଳା ଚଷମା, ଚପଲ, ମୁଣ୍ଡରେ ଓଦା ଗାମୁଛା ଏବଂ ଛତା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବାହାରକୁ ଯିବା ସମୟରେ ପାଣି ବୋତଲ ରଖିବାକୁ ମଧ୍ୟ କୁହାଯାଛି। ଅଙ୍ଗନବଡ଼ି କେନ୍ଦ୍ର ସକାଳ ୬ଟାଠାରୁ ୯ଟା ପର୍ଯ୍ୟନ୍ତ ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହରେ ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ କିପରି ନ ଘଟେ, ପଶୁପକ୍ଷୀଙ୍କ ଯତ୍ନ ନେବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଜୀବଜନ୍ତୁଙ୍କ ସୁରକ୍ଷା ଇତ୍ୟାଦି ବିଷୟ ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଆଜିର ଏହି ଜରୁରୀକାଳୀନ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଦୀପ କୁମାର ପାତ୍ର, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଧର୍ମେନ୍ଦ୍ର ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜଗନ୍ନାଥ ପାଢ଼ୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ସିଡିପିଓଙ୍କ ସମେତ ସମସ୍ତ ଲାଇନ ବିଭାଗ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ।

**● ପାରଳାରେ ଅସହ୍ୟ ତାତି**

## ଘନଘନ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

**ପାରଳାଖେମୁଣ୍ଡି, ୩୧।୫(ସମିସ):** ପାରଳାଖେମୁଣ୍ଡି ସହରରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ପ୍ରତିଦିନ ବୃଦ୍ଧି ପାଉଛି। ପାରା ୪୨ଡିଗ୍ରୀ ରହୁଥିବା ବେଳେ ଗୁଳୁଗୁଳି ଅନୁଭୂତ ହେଉଛି। ଏପରିକି ରାତିରେ ମଧ୍ୟ ଗରମ ଅନୁଭୂତ ହେଉଛି। ଲୋକେ ତାତିରୁ ତ୍ରାହିପାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଥିଲେ ମଧ୍ୟ ରାତିରେ ଘନ ଘନ ବିଦ୍ୟୁତକାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ବିଦ୍ୟୁତ କର୍ମଚାରୀଙ୍କ ଅବହେଳା ଯୋଗୁଁ ବର୍ଷତମାମ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେଉଛି। ବର୍ଷତମାମ ରକ୍ଷଣା ବେକ୍ଷଣ ନାମରେ ବିଦ୍ୟୁତ କାଟ କରୁଛି ବିଭାଗ। ହେଲେ ସଠିକ୍ ବିଦ୍ୟୁତ ସେବା ଲୋକଙ୍କୁ ମିଳୁନି। ପାରଳା ସହରରେ ବିଜୁଳି ସମସ୍ୟା ଏବେ ଏକ ମୁଖ୍ୟ ସମସ୍ୟା ହୋଇଛି। ଏଥି ପ୍ରତି ବିଭାଗୀୟ ଦୃଷ୍ଟି ନ ଦେଇ ଖାମଖିଆଲି ଢଙ୍ଗରେ ପରିଚାଳନା କରୁଥିବା ଆଲୋଚନା ହେଉଛି। ଗ୍ରୀଷ୍ମ ଦିନରେ ଯେପରି ବିଦ୍ୟୁତ ବିଭ୍ରାଟ ନ ହୁଏ ସେଥିପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କୁହାଯାଇଥିଲା। ଗ୍ରୀଷ୍ମର ଆଗମନ ପୂର୍ବରୁ ରକ୍ଷଣାବେକ୍ଷଣ ନାମରେ ଦୀର୍ଘ ଘଣ୍ଟା ଧରି ବିଦ୍ୟୁତ କାଟ ହୋଇଥିଲା। ହେଲେ ପ୍ରକୃତ ପକ୍ଷେ ଗ୍ରୀଷ୍ମର ଆଗମନ ପରେ ଯେଉଁ କଥାକୁ ସେହି କଥା। ଦିନ ରାତି ମନଇଚ୍ଛା ବିଦ୍ୟୁତ କାଟ୍ ଲାଗି ରହୁଥିବା ଅଭିଯୋଗ ହେଉଛି। ୨୪ ଘଣ୍ଟା ମଧ୍ୟରେ ହାରାହାରି ୧୨ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ କାଟ ହେଉଛି। ଆଉ ଯେଉଁ ସମୟରେ ବିଦ୍ୟୁତ ଯୋଗାଣ ହେଉଛି ସେତେବେଳେ ଲୋଭୋଲଟେଜ ସମସ୍ୟା ଦେଖାଦେଉଛି। ଏଥିଯୋଗୁଁ ଏସି, କୁଲର ଦୂରର କଥା ପଙ୍ଖା ମଧ୍ୟ ବୁଲୁନି। ଅନ୍ୟପକ୍ଷରେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ଯୋଗୁଁ ଇନଭେଟର ଚାର୍ଜ ମଧ୍ୟ ରହୁନାହି। ବିଦ୍ୟୁତ ବିଭାଗର ଏପରି ଅବ୍ୟବସ୍ଥାକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ଲୋକେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ବାଇକ୍ ଦୁର୍ଘଟଣା; ୪ ଗୁରୁତର



**ମୋହନା, ୩୧।୫(ସମିସ):** ବାଇକ୍ ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଗଜପତି ଜିଲ୍ଲା ମୋହନା ତାରିଣୀ ମନ୍ଦିର ନିକଟରେ ଘଟଣା ଘଟିଛି। ଗୁରୁତର ଆହତ ହେଲେ ମୋହନା ଥାନା କୁଇହୁରୁ ଗାଁର ମୀନକେତନ ମଲିକ, ଶୁକଦେବ ମଲିକ, ସଞ୍ଜୟ ମଲିକ ଓ ମୋହନାର ସୁବାସିନୀ ସାହୁ। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ମୋହନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ବାଇକ୍‌ରେ ମୀନକେତନ, ଶୁକଦେବ ଓ ସଞ୍ଜୟ କୁଇହୁରୁ ଗାଁରୁ ମୋହନା ଆସୁଥିବା ବେଳେ ରାସ୍ତା କଡ଼ରେ ଥିବା ସୁବାସିନୀଙ୍କୁ ଧକ୍କା ଦେଇଥିଲେ। ଏଥିରେ ୪ ଜଣ ରାସ୍ତାରେ ଉପରେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ମୋହନା ଡାକ୍ତାରଖାନାରେ ପ୍ରାଥମିକ ଚିକିତ୍ସା ପରେ ମୀନକେତନ ଓ ସୁବାସିନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ରାମକୃଷ୍ଣ ପାତ୍ର କହିଛନ୍ତି। ମୋହନା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରି ତଦନ୍ତ କରୁଛି।

## ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ସମ୍ମୁଖରେ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ



**ଦାରିଙ୍ଗବାଡ଼ି, ୩୧।୫(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ସମ୍ମୁଖରେ ବହୁ ଦିନ ଧରି ଏକ ଭଙ୍ଗା ବିଦ୍ୟୁତ ଖୁଣ୍ଟ ପଡ଼ି ରହିଛି। ଏହା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଲୋକଙ୍କ ପାଇଁ ବିପଦ ସାଜିଛି। ଭଙ୍ଗା ବିଦ୍ୟୁତ ଖୁଣ୍ଟରେ ଲୁହାଛଡ଼ ଲାଗି ରହିଛି ଏବଂ ଏହା ମରଣଯନ୍ତା ପାଲଟିଛି। ବହୁ ଲୋକେ ଏଥିରେ ଲାଗି ଆହତ ହୋଇଥିବା ନଜିର ରହିଛି। ଗତ ମଙ୍ଗଳବାର ଦିନ ଜଣେ ବୃଦ୍ଧା ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ଉକ୍ତ ଭଗ୍ନ ବିଦ୍ୟୁତ ପୋଲରେ ଗୋଡ଼ ଲାଗି ପଡ଼ିଯାଇ ଆହତ ହୋଇଥିଲେ। ହେଲେ ଅଳ୍ପକେ ବଡ ବିପର୍ତ୍ତିରୁ ବର୍ତ୍ତି ଯାଇଥିଲେ। ହେଲେ ଏଥିଯୋଗୁଁ କେତେବେଳେ ଯେ କାହାର ଜୀବନ ଚାଲି ନ ଯିବ କହିହେବନି ବୋଲି କୁହାଯାଇଛି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା.ଯାକେଶ ସାମନ୍ତ ରାୟଙ୍କୁ ଅବଗତ କରାଯିବାରେ ରାସ୍ତାରୁ ଭଙ୍ଗା ବିଦ୍ୟୁତ ଖୁଣ୍ଟ ବାହାର କରାଯିବ ବୋଲି କହିଥିଲେ। ହେଲେ ସେ କହିବାର ବହୁ ଦିନ ବିତିଯାଇଥିଲେ ସତ୍ତ୍ୱେ ପରିସ୍ଥିତିରେ ପରିବର୍ତ୍ତନ ହୋଇନାହିଁ। ଏସମ୍ପର୍କରେ ଦାରିଙ୍ଗବାଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଦାଧର ପାତ୍ରଙ୍କୁ ଜଣାଇବାରୁ ଶନିବାର ରାସ୍ତା ଉପରେ ପଡ଼ିରହିଥିବା ବିଦ୍ୟୁତ ପୋଲକୁ ହଟେଇବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## କାଳବୈଶାଖୀ ତାଣ୍ଡବ; ଗଛପଡ଼ି ରାସ୍ତା ଅବରୋଧ

**ମୋହନା, ୩୧।୫(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ। କେଉଁଠି ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ କେଉଁଠି ପବନ ସହ ପ୍ରବଳ କୁଆପଥର ବର୍ଷା ହୋଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହେଲେ ଗତ କିଛି ଦିନ ହେଲା ପ୍ରଚଣ୍ଡ ରୌଦ୍ରତାପରେ ଲୋକେ ଡହଳବିକଳ ହେଉଥିବା ବେଳେ ବର୍ଷା ଯୋଗୁଁ ସାମାନ୍ୟ ଅସ୍ୱସ୍ତି ଅନୁଭବ କରିଛନ୍ତି ଲୋକେ। ଶୁକ୍ରବାର ଦିନସାରା ପ୍ରଚଣ୍ଡ ଖରା ସହ ଗୁଳଗୁଳିରେ ଆଉଟୁ ପାଉଟୁ ହେଉଥିଲେ ଲୋକେ। ହେଲେ ଅପରାହ୍ନ ୩ ଟା ସମୟରୁ ଅଚାନକ ପାଗ ବଦଳିଯାଇଥିଲା। ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା, ଘଡଘଡି ସହ ପବନ ଓ କୁଆପଥର ମାଡ ହୋଇଥିଲା। ଏଥିଯୋଗୁଁ ଚନ୍ଦ୍ରଗିରି ପୁଲିସ୍ ଫାଣ୍ଡି ଆଗରେ ଥିବା ଏକ ବିରାଟ ଗଛ ରାସ୍ତା ଉପରେ ପଡ଼ିଯାଇଥିଲା। ଫଳରେ ୩୨୬ ନମ୍ବର ଜାତୀୟ ରାଜପଥ ମୋହନାରୁ ପାରଳାଖେମୁଣ୍ଡି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ୍ ଓ ଅଗ୍ନିଶମ ବାହିନୀ ଗଛକୁ ରାସ୍ତାରୁ ବାହାର କରିଥିଲେ। ଏହାପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସେହିପରି ଚାନ୍ଦିପୁଟ, ଲୁହାଗୁଡି, କମଳାପୁର ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ସହ କୁଆପଥର ମାଡ ହୋଇଥିଲା।



## ମା’ କୁମାରୀ ମାରୀଆଙ୍କ ସାକ୍ଷାତକାର ପର୍ବ

**ଦାରିଙ୍ଗବାଡ଼ି, ୩୧।୫(ସମିସ):** ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତ ସିକପାଟା ଗ୍ରାମରେ ଶୁକ୍ରବାର କୁମାରୀ ମାରିଆଙ୍କ ସାକ୍ଷାତକାର ପର୍ବପାଳନ ହୋଇଯାଇଛି। ବହୁ ବର୍ଷ ଧରି ଏହି ଦିନକୁ ଗ୍ରାମ୍ୟ ପର୍ବ ଭାବେ ଉକ୍ତ ଗ୍ରାମବାସୀ ପାଳନ କରି ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଅତି ଆଡମ୍ବର ସହିତ ପର୍ବ ପାଳନ ହୋଇଥିଲା। ଏଥିରେ ଦାରିଙ୍ଗବାଡ଼ି ପାରିସ୍‌ର ମୁଖ୍ୟ ଯାଜକ ମୁକୁନ୍ଦଦେବ୍ ବଳିଆରସିଂ ପବିତ୍ର ଦିବ୍ୟ ଯଜ୍ଞରେ ପୌରୋହିତ୍ୟ କରିଥିଲେ। ଯାଜକ ରାଜୀବ ବଳିଆରସିଂ ସୁସମାଚାର ପଠନ କରି ବାକ୍ୟ ପ୍ରଚାର କରିଥିଲେ। ରୀତିକାନ୍ତି ଅନୁଯାୟୀ ଯଜ୍ଞ ଉତ୍ସର୍ଗ ହୋଇଥିବା ବେଳେ ପ୍ରଥମ ପଠନ ରଘୁ ମନ୍ତ୍ରୀ ଏବଂ ଦ୍ୱିତୀୟ ପଠନ ଜନତି ଦିଗାଳ ପଠନ କରିଥିଲେ। ଏହି ଦିବ୍ୟଯଜ୍ଞ କାର୍ଯ୍ୟକ୍ରମକୁ ଗ୍ରାମ୍ୟ ପ୍ରଚାରକ କାମେଲ ମନ୍ତ୍ରୀ ଓ ଜନତି ଦିଗାଳଙ୍କ ନେତୃତ୍ୱରେ ପରିଚାଳନା ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମନାସୀ ପ୍ରାର୍ଥନା କରିଥିଲେ। ଦିବ୍ୟଯଜ୍ଞରେ ଅକ୍ଷୟ ପରିଚ୍ଛାଙ୍କ ନେତୃତ୍ୱରେ ସଙ୍ଗୀତ ଦଳ ସଙ୍ଗୀତ ଗାନ କରି ଭକ୍ତିପୂର୍ଣ୍ଣ ପ୍ରାର୍ଥନା ପରିବେଶ ସୃଷ୍ଟି କରିଥିଲେ। ସଂତୃପ୍ତ ଦିଗାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମୁଖ୍ୟ ଯାଜକ ମୁକୁନ୍ଦଦେବ ବଳିଆରସିଂ, ଯାଜକ ରାଜୀବ ବଳିଆରସିଂ ଏବଂ ଜନସାଧାରଣଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଯୁବକ, ଯୁବତୀ ଓ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



## ଚାଷ ଜମିରୁ ଗଳିତ ମୃତଦେହ ଉଦ୍ଧାର

**ପାରଳାଖେମୁଣ୍ଡି, ୩୧।୫(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ତଥା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ପାର୍ଶମ୍ବା ଗ୍ରାମ ନିକଟସ୍ଥ ଏକ କାଜୁ ଜଙ୍ଗଲ ପଛପାଖ ଜମିରେ ସନ୍ଦେହଜନକ ଭାବେ ଏକ ଗଳିତ ଶବ ଠାବ ହୋଇଛି। ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସମେତ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଆବଶ୍ୟକ ଯାଞ୍ଚ କରିଥିଲେ। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଛି। ତାଙ୍କ ନାମ ବି.କ୍ରିଷ୍ଣାରାଓ (୪୫) ଏବଂ ଘର ପାରଳାଖେମୁଣ୍ଡି ସହରର ରାମନଗର ବୋଲି ତାଙ୍କ ପକେଟରୁ ମିଳିଥିବା ଭୋଟର ପରିଚୟ ପତ୍ରରୁ ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଷ୍ଟମର୍ଟମ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଏସଡିପିଓ ଶ୍ରୀ ନାୟକ କହିଛନ୍ତି। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବାର ଏସଡିପିଓ ଶ୍ରୀ ନାୟକ କହିଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ପାରଳାଖେମୁଣ୍ଡି, ୩୧।୫(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନାମନଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସ୍ନାତକ ଶିକ୍ଷକ ଭେଙ୍କେଟରମଣ ସାହୁକାରଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ସାହୁକାର କର୍ମମୟ ଜୀବନରେ ଶୃଙ୍ଖଳିତ କାର୍ଯ୍ୟା ଓ ଗୁଣାବଳୀ ସବୁ ଶିକ୍ଷକ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଛାତ୍ରଛାତ୍ରୀଙ୍କୁ ସଦାସର୍ବଦା ପ୍ରେରଣାଦାୟକ ମାର୍ଗଦର୍ଶନ କରାଉଥିଲେ ବୋଲି ଆଲୋଚନା ହୋଇଥିଲା। ଗୁମ୍ମା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶ୍ରୀ ସାହୁକାରଙ୍କ ପେନସନ୍ ବାବଦ ସମସ୍ତ ଆବଶ୍ୟକୀୟ ନଥିପତ୍ର ପ୍ରଦାନ କରାଯାଇଥିଲା। ଏହାସହ ଶ୍ରୀ ସାହୁକାର ଅବସରକାଳୀନ ଜୀବନରେ ଶୁଖ ଓ ସମୃଦ୍ଧିମୟ ଜୀବନ ବିତାନ୍ତୁ ବୋଲି ଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଏବଂ ଅନ୍ୟାନ୍ୟ ଶିକ୍ଷକ କହିଥିଲେ।

## ଆଞ୍ଚଳିକ ଆଦିବାସୀ ଗୋଣ୍ଡ ସମାଜର ବାର୍ଷିକ ଉତ୍ସବ

**ଫିରିଙ୍ଗିଆ, ୩୧।୫(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତଳ ଦଣ୍ଡିକିଆ ପଞ୍ଚାୟତ ଚଡିଆପାଲୀରେ ଆଞ୍ଚଳିକ ଆଦିବାସୀ ଗୋଣ୍ଡ ସମାଜର ବାର୍ଷିକ ଉତ୍ସବ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଗତ ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନ ଦିବା କଳସୀ ଯାତ୍ରା, ଠାକୁର ଆବାହନ ସହ ସଭା ମଣ୍ଡପରେ ଠାକୁର ସ୍ଥାପନ ପରେ ସଭା କାର୍ଯ୍ୟ ହୋଇଥିଲା। ପ୍ରଥମେ ଅତିଥି ପରିଚୟ ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ଗଡ଼ ସଭାପତି ବିଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାଜର ବୈଠକ ଓ ଉତ୍ସବରେ ଗୋଣ୍ଡ ସମାଜର ଜିଲ୍ଲା ସଭାପତି ବିଷ୍ଣୁ ଚରଣ ପ୍ରଧାନ, ଜିଲ୍ଲା ମହାସଚିବ କୁମୁଦ ଚନ୍ଦ୍ର ଦଳବେହେରାଙ୍କ ସହ ଜି.ଉଦୟଗିରି ଗଡ଼ ସଭାପତି, ରାଇକିଆ ଗଡ଼ ସଭାପତିଙ୍କ ସହ ୧୨ଟି ଗଡ଼ ଗୋଣ୍ଡ ଗାଁ, ବନ୍ଧୁଗୁଡା, କରଣ୍ଡାଗଡ଼, କେଳାପଡ଼ା, ଚଡିଆପାଲୀ, ବୁରାଙ୍ଗିଆ, ତିଲରି, ବାଡାବାଙ୍ଗା, ସୀମାନବାଡି, ବାଲିଗୁଡାର ସଭାପତି, ସମ୍ପାଦକ ଓ ଆଦିବାସୀ ଗୋଣ୍ଡ କୁଳ ସମାଜର ସ୍ୱଜାତି ସଦସ୍ୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ନିଜ କୁଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଅତିଥି ମାନେ ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ଉପରେ ଦିଗ ଦର୍ଶନ ଦେଇଥିଲେ। ୩ ଦିନ ଧରି ଚାଲିଥିବା ଏହି ବୈଠକ ଓ ଉତ୍ସବକୁ ପରିଚାଳନା ଚଡିଆପାଲୀ ଓ କରଣ୍ଡାଗଡ଼ କମିଟି କେନ୍ଦ୍ର ସଭାପତି ବିଜୟ ନାୟକ, ସମ୍ପାଦକ ଶଙ୍କର କୁମାର ପ୍ରଧାନଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ମହିଳା ମାନେ ସହଯୋଗ କରିଥିଲେ। ଶୁକ୍ରବାର ଶେଷ ଦିନରେ ଆଞ୍ଚଳିକ ଗଡ଼ର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କେନ୍ଦ୍ର ସଭାପତି ଭାବରେ ଅନ୍ତର୍ଯ୍ୟାମୀ ନାୟକ, ସମ୍ପାଦକ ମିଥୁନ ନାୟକଙ୍କ ସହ ସମ୍ପାଦକ ଜିତେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଲିଙ୍ଗରାଜ ନାୟକଙ୍କୁ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବରେ ଶଙ୍କର କୁମାର ପ୍ରଧାନଙ୍କୁ ଚୟନ କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଯୁବତୀଙ୍କ ପେଟରେ ଅସ୍ୱାଭାବିକ ଭାବେ ବଢୁଛି ମାଂସ ପିଣ୍ଡୁଳା

# ଚିକିତ୍ସାରେ ବାଧକ ସାଜୁଛି ଅର୍ଥାଭାବ

**ଫିରିଙ୍ଗିଆ, ୩୧।୫(ସମିସ)**



ଯୁବତୀଙ୍କ ପେଟରେ ଅସ୍ୱାଭାବିକ ଭାବରେ ବଢ଼ିଚାଲିଛି ମାଂସ ପିଣ୍ଡୁଳା। ଅପରେସନ କରିବା ତ ଦୂରର କଥା ପେଟରେ ଯନ୍ତ୍ରଣା ହେଉଥିଲେ ମଧ୍ୟ ଔଷଧ ଖାଇବା ପାଇଁ ପାଖରେ ନାହିଁ ପଇସା। ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଚିକିତ୍ସାରେ ଅର୍ଥଭାବ ସାଜୁଛି ବାଧକ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ବାକେପଙ୍ଗା ମାଣିଜରୁ ଗାଁରେ ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ବାକେପଙ୍ଗା ଗାଁରେ ବିଧବା ମା’ ଶିବାମତୀ କହଁର ଓ ଅବିବାହିତ ଝିଅ ସେବତୀ କହଁର ରହୁଛନ୍ତି। ଦୀର୍ଘ ବର୍ଷ ହେଲା ଶିବାମତୀଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ଏକ ଭଙ୍ଗାଦଦରା କୁଡ଼ିଆ ଘରେ ଜୀବନ କଟାଉଛନ୍ତି ଶିବାମତୀ ଓ ଝିଅ ସେବତୀ। ଶିବାମତୀ କୁଲିମଜୁରୀ କରି ଯାହା ଆଣନ୍ତି ସେତିକିରେ ମାଆ-ଝିଅ ଚଳୁଛନ୍ତି। ଶିବାମତୀଙ୍କୁ ବିଧବା ଭତ୍ତା ୭୦୦ ଟଙ୍କା ଦେଉ ଓ ଚାଉଳ ମିଳୁଛି। ଏବେ କିନ୍ତୁ ବିଧବା ଶିବାମତୀଙ୍କ ପାଇଁ ତାଙ୍କ ଅବିବାହିତ ଝିଅ ବୋଝ ସଦୃଶ୍ୟ ହୋଇଛନ୍ତି। ଝିଅ ପେଟରେ ଅସ୍ୱାଭାବିକ ଭାବରେ ବଢୁଥିବା ମାଂସ ପିଣ୍ଡୁଳାର ଚିକିତ୍ସା କରିବାକୁ ଯାଇ ଶିବାମତୀ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଅର୍ଥ ଅଭବାରୁ ଝିଅର ଚିକିତ୍ସା କରିପାରୁନାହାନ୍ତି। ପେଟରେ ସଦା ସର୍ବଦା ଯନ୍ତ୍ରଣା ହେଉଥିବାରୁ ମା କୁ ସାହାଯ୍ୟ କରିବା ପରିବର୍ତ୍ତେ ନିଜେ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି ସେବତୀ। ଚାରିବର୍ଷ ପୂର୍ବେ ହଠାତ ସେବତୀଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ପ୍ରଥମେ ସେ ଚିକିତ୍ସା ପାଇଁ ଗୋଛାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ଚିକିତ୍ସା ସମୟରେ ପେଟରେ ଏକ ମାଂସ ପିଣ୍ଡୁଳା ବଢୁଥିବା ଜଣାପଡ଼ିଥିଲା। ଡାକ୍ତର ଔଷଧ ଦେଲେ। ସେବତୀ ଔଷଧ ଖାଇଲେ। ହେଲେ କିଛି ଉପଶମ ହେଲାନି। ମାଂସ ପିଣ୍ଡୁଳାଟି କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କେଉଁଠାରୁ ଅର୍ଥ ଯୋଗାଡ଼ କରି ଝିଅକୁ ଭଲ କରିବା ଆଶାରେ ବ୍ରହ୍ମପୁର ବଡମେଡିକାଲକୁ ଯାଇଥିଲେ। ଡାକ୍ତର ଅପରେସନ କରିବା ପାଇଁ ପରାମର୍ଶ ଦେଇଥିଲେ। ଇତି ମଧ୍ୟରେ ଚାରିବର୍ଷ ବିତିଯାଇଛି। ପେଟରେ ବଢୁଥିବା ମାଂସ ପିଣ୍ଡୁଳା ମଧ୍ୟ ବଢ଼ିବାରେ ଲାଗିଛି। ଝିଅର ଚିକିତ୍ସା ପାଇଁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ସାରିଲାଣି। ଅପରେସନ ପାଇଁ ଅର୍ଥ ଯୋଗାଡ଼ କରିବାକୁ ସିବାମତିଙ୍କ ପାଇଁ ସମ୍ଭବ ହୋଇପାରୁନାହିଁ। ଝିଅର ଚିକିତ୍ସା ପାଇଁ ସ୍ଥାନୀୟ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖରେ ଗୁହାରି କରିଛନ୍ତି ଶିବାମତୀ। ହେଲେ କୌଣସି ଫଳ ହୋଇନାହିଁ। ଏବେ ଭାଗ୍ୟକୁ ଆଦରି ଘରେ ପଡ଼ି ରହିଛନ୍ତି ଶିବାମତୀ ଓ ଝିଅ ସେବତୀ। ବିଜୁ ସ୍ୱାସ୍ଥ୍ୟକାର୍ଡରେ ସେବତୀଙ୍କ ନାଁ ପଞ୍ଜୀକରଣ ହୋଇ ନ ଥିବାରୁ ଚିକିତ୍ସା ହୋଇପାରୁନାହିଁ। ଏଭଳି ପରିସ୍ଥିତି ଯୋଗୁଁ ଝିଅର ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଗୁହାରି କରିଛନ୍ତି ଶିବାମତୀ ଓ ଗ୍ରାମବାସୀ।

# ଏମ୍‌କେସିଜି କାଜୁଆଲିଟିରେ ସୁରକ୍ଷାକର୍ମୀଙ୍କୁ ମାଡ଼

**ବ୍ରହ୍ମପୁର,୩୧।୫(ସମିସ):** ଏମ୍‌କେସିଜି କାଜୁଆଲିଟିରେ ଜଣେ ସୁରକ୍ଷାକର୍ମୀଙ୍କୁ ମାଡ଼ ହୋଇଥିବା ନେଇ ଅଭିଯୋଗ ହୋଇଛି। ଷ୍ଟ୍ରେଚର ନେବା ଆଣିବାକୁ ନେଇ ଜଣେ ରୋଗୀଙ୍କ କିଛି ସମ୍ପର୍କୀୟ ତାଙ୍କୁ ମାଡ଼ ମାରିଛନ୍ତି। ଆହତ ହୋଇଥିବା ସୁରକ୍ଷାକର୍ମୀ ଜଣଙ୍କ ଏମକେସିଜି ମେଡିକାଲ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଛନ୍ତି। ଏନେଇ ବୈଦ୍ୟନାଥପୁର ଥାନାରେ ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତକାଲି ରାତିରେ ଜଣେ ଗୁରୁତର ରୋଗୀ ଏମକେସିଜି ମେଡିକାଲ କାଜୁଆଲିଟିକୁ ଆସିଥିଲେ। ରୋଗୀଙ୍କ ସହ ଏକାଧିକ ସମ୍ପର୍କୀୟ ମଧ୍ୟ ଆସିଥିଲେ। ତେବେ ରୋଗୀଙ୍କୁ ଷ୍ଟ୍ରେଚର ଆବଶ୍ୟକ ହେବାରୁ ସେମାନେ କାଜୁଆଲଟିରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀ ନାରାୟଣ ପଣ୍ଡାଙ୍କୁ ଷ୍ଟ୍ରେଚର ମାଗିଥିଲେ। କିନ୍ତୁ ଷ୍ଟ୍ରେଚର ନାହିଁ ରୋଗୀଙ୍କୁ ବ୍ୟାଟେରୀ ଗାଡିରେ ନିଅନ୍ତୁ ବୋଲି ସୁରକ୍ଷା କର୍ମୀ କହିଥିଲେ। ଏହାକୁ ନେଇ ସୁରକ୍ଷା କର୍ମୀ ଓ ରୋଗୀ ସମ୍ପର୍କୀୟ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଏକତ୍ରିତ ହୋଇ ସୁରକ୍ଷାକର୍ମୀଙ୍କୁ ମାଡ ମରିଥିବା ଅଭିଯୋଗ ହୋଇଛି। ଖବର ପାଇ କାଜୁଆଲିଟି ମେଡିକାଲ ଅଫିସର, ରେଜିଷ୍ଟ୍ରାର ଓ ଅଧିକ୍ଷକ କାଜୁଆଲିଟିରେ ପହଞ୍ଚି ବୁଝାସୁଝା କରିଥିଲେ। ସଂଘବଦ୍ଧ ଆକ୍ରମଣ ଯୋଗୁ ସୁରକ୍ଷାକର୍ମୀଙ୍କ ପିଠି ଓ ପେଟରେ ଯନ୍ତ୍ରଣା ହୋଇଥିଲା। ସେ ଅସୁସ୍ଥ ଅନୁଭବ କରିବାରୁ ପ୍ରଥମେ କାଜୁଆଲିଟି ଓ ପରେ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହୋଇଥିଲେ। ମାଡ ମାରିବା ବେଳେର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ସୁରକ୍ଷା କର୍ମୀ ଜଣଙ୍କ ପୁଲିସକୁ ଜଣାଇଛନ୍ତି।

# ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଅବସର ନେଲେ ୧୧ ଅଧିକାରୀ ଓ କର୍ମଚାରୀ

**ବ୍ରହ୍ମପୁର,୩୧।୫(ସମିସ):** ବ୍ରହ୍ମପୁର ପୁଲିସ ଜିଲ୍ଲାରେ କାର୍ଯ୍ୟରତ ୧୧ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଅବସର ନେଇଥିବା ପୁଲିସ ଅଧିକାରୀମାନଙ୍କ ମଧ୍ୟରେ ଡ଼ିଏସପି ଶିବ ଶଙ୍କର ମହାପାତ୍ର, ଏସଆଇ ପ୍ରଫୁଲ କୁମାର ଗୌଡ଼ ଓ ଶିଶିରକାନ୍ତ ସାହାଣୀ,ଏଏସଆଇ ରାଜେନ୍ଦ୍ର କୁମାର ଶତପଥୀ, ହାବିଲଦାର ସୁଧିର କୁମାର ବିଶ୍ୱାଳ, କନଷ୍ଟେବଲ ଭିକାରୀ ସାହୁ, ମନୋରଞ୍ଜନ ସ୍ୱାଇଁ, ଅଜୟ କୁମାର ଜେନା ଓ ହିମାଂଶୁ ଶେଖର ବିଶ୍ୱାଳ ସାମିଲ ଥିବା ବେଳେ ଭିଷ୍ଟି ଗଣେଶ ପାତ୍ର ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି। ଅବସର କରିଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଡିଆଇଜି ତଥା ଏସପି ଡ଼ା. ସାର୍ଥକ ଷଡ଼ଙ୍ଗୀ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଦେଇ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ପୁଲିସ ବିଭାଗର ନୀତି ଆଦର୍ଶ ନିୟମକୁ ପାଥେୟ କରି ଜନସାଧାରଣଙ୍କ ହିତରେ ଯେଉଁ କାର୍ଯ୍ୟ କରିଛନ୍ତି ତାହା ପୁଲିସ ବିଭାଗ ପାଇଁ ସବୁବେଳେ ସ୍ମରଣୀୟ ରହିବ ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠୀ, ରିଜର୍ଭ ଇନସ୍ପେକ୍ଟର ଏମ୍. ଲକ୍ଷ୍ମୀ ରଞ୍ଜନଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

■ ଖରିଫ୍ ଚାଷ ପାଇଁ ଚାଷୀ ପ୍ରସ୍ତୁତ

# ସରକାରୀ ଧାନ ବିହନ ବିକ୍ରି ପ୍ରକ୍ରିୟା ଆରମ୍ଭ

ଭଞ୍ଜନଗର,୩୧।୫(ସମିସ): ମୌସୁମୀ କେରଳ ଛୁଇଁଛି। ଆସନ୍ତା ୧୫ ତାରିଫ ସୁଦ୍ଧା ମୌସୁମୀ ଓଡ଼ିଶା ଛୁଇଁବାର ଆଶା କରାଯାଉଛି। ମୌସୁମୀକୁ ପ୍ରବାହ ପରେ ଖରିଫ ଚାଷ ଲାଗି ଚାଷୀ ପସ୍ତୁତି ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଭଞ୍ଜନଗରରେ ସରକାରୀ ଧାନ ବିହନ ବିକ୍ରି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ବ୍ଲକ୍‌ରେ ଥିବା ୧୩ଟି ସମବାୟ ସମିତି ଓ ୫ଟି ବେସରକାରୀ ଡ଼ିଲର୍‌ଙ୍କ ମାଧ୍ୟମରେ ଚଳିତ ଖରିଫ୍ ଋତୁରେ ଧାନ ବିହନ ବିକ୍ରି ହେବ। ବୁଧବାର ସୁଦ୍ଧା, ବ୍ଲକ୍‌ର ୯ଟି ପ୍ୟାକ୍ସ୍ ୪୦୯ କ୍ୱିଣ୍ଟାଲ ବିହନ ନିଗମରୁ ଉଠାଇଛନ୍ତି। ଏଥିସହ ୨ଟି ବେସରକାରୀ ଡିଲର ମଧ୍ୟ ୫୦ କ୍ୱିଣ୍ଟାଲ୍ ବିହନ ଉଠାଇଥିବା ଜଣାପଡ଼ିଛି। ଚଳିତବର୍ଷ ଚାଷୀ ଧାନ ବିହନ କ୍ୱିଣ୍ଟାଲ୍ ପ୍ରତି ୩୯୩୭ ଟଙ୍କା ଦେଇ କିଣିବା ବ୍ୟବସ୍ଥା କରାଯାଇଛି। ଚାଷୀଙ୍କ ସୁବିଧା ପାଇଁ ୨୦ କେଜି ପ୍ୟାକେଟ୍ ରହିଛି। ପ୍ରତି ୨୦ କେଜି ପିଛା ଦର ୭୮୭ ଟଙ୍କା ୪୦ ପଇସା ରହିଥିବାବେଳେ ୧୦ ବର୍ଷରୁ କମ୍ ବିହନ ପାଇଁ ୩୧୭ ଟଙ୍କା ୪୦ ପଇସା ଓ ୧୦ ବର୍ଷରୁ ଅଧିକ ବିହନ ପାଇଁ ୨୮୭ ଟଙ୍କା ୪୦ ପଇସା ସବ୍‌ସିଡି ପାଇବେ। ଭଞ୍ଜନଗର ବ୍ଲକ୍‌ରେ ଏବେ ୧୨୦ରୁ ୧୬୦ ଦିନରେ ଅମଳ ହେଉଥିବା "ବୀଣା-୨', "ସିଆର-୩୧୫", "ସହଭାଗୀ ଏମ୍‌ଟିୟୁ -୧୨୨୪', "୧୦୬୪', "୧୦୬୧', "୧୨୩୯', "୧୦୭୫', "୧୨୬୨', "୭୦୨୯', "ପୂଜା', "ସର୍ଣ ସବ"ାନ୍', "ସାରଳା' ଓ "ଆଜିଲ-୨୫୩୭' ଭଳି ବିଭିନ୍ନ କିମସର ଧାନ ବିହନ ଯୋଗାଣ ହେଉଥିବା ବେଳେ ଆଗାମୀ ଦିନରେ ଆବଶ୍ୟକ ପରିମାଣର ବିହନ ଯୋଗାଣ ହେବ ବୋଲି ସହକାରୀ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀ କହିଛନ୍ତି।

■ ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ସାଇକଲ ଆରୋହୀଙ୍କ ମୃତ୍ୟୁ ମାମଲା

# ଠିକାଦାର ଓ ସୁପରଭାଇଜରଙ୍କୁ ଜେଲ୍

**ବ୍ରହ୍ମପୁର,୩୧।୫(ସମିସ):** ଏକ ନିର୍ମାଣାଧୀନ ଡ୍ରେନ୍ ଭିତରେ ପଡ଼ି ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ମାମଲାର ବିଚାରଣା କରି ବ୍ରହ୍ମପୁର ଜେଏମଏଫସି ଜଜ୍ ଶିବାନୀ ମିଶ୍ର ଜଣେ ଠିକାଦାର ଓ ସୁପରଭାଇଜରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହାସହ ଉଭୟଙ୍କୁ ୧ବର୍ଷ ଲେଖାଏଁ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ମଧ୍ୟ କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ବ୍ରହ୍ମାନଗରର ଠିକାଦାର ଯୁଧିଷ୍ଠିର ସାମନ୍ତରାୟ(୮୩) ଓ ଗଞ୍ଜାମ ଜିଲ୍ଲା ଧରାକୋଟ ଶ୍ରଦ୍ଧାପୁରର ସୁପରଭାଇଜର ସୁଶାନ୍ତ ମଲ୍ଲିକ(୩୮)। ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରେ ଉପରୋକ୍ତ ୨ଅଭିଯୁକ୍ତ ଗୋଳନ୍ଥରା ଥାନା ଅନ୍ତର୍ଗତ ହରଡାଙ୍ଗ ଗ୍ରାମରେ ରାସ୍ତା ଓ ଡ୍ରେନ ନିର୍ମାଣ କରୁଥିଲେ। ନିର୍ମାଣ କାର୍ଯ୍ୟ ପାଇଁ ରାସ୍ତାକଡରେ ମାଟି ଓ ବାଲି ଜମା କରି ରଖିଥିବାବେଳେ ଅର୍ଦ୍ଧନିର୍ମିତ ଡ୍ରେନ ଭିତରେ ଲୁହାଛଡ ଖୋଲାଖୋଲି ଭାବେ ପଡି ରହିଥିଲା। ୨୦୧୮ ମସିହା ଜୁନ ୬ତାରିଖରେ ମନ୍ତ୍ରୀଡି ଗ୍ରାମର ଦିନ ମଜୁରିଆ ନିଳକଣ୍ଠ ସାହୁ ନିଜ କାମ ସାରି ସନ୍ଧ୍ୟା ସମୟରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଡ୍ରେନ ନିର୍ମାଣ ଚାଲିଥିବା ରାସ୍ତାଦେଇ ସେ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରେନ ଭିତରେ ପଡିଯାଇଥିଲେ। ଡ୍ରେନରେ ବାହାରି ରହିଥିବା ଲୁହାଛଡ ତାଙ୍କ ପେଟ ଓ ପିଠିରେ ପଶି ଯାଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇ ସେଠାରେ ପଡି ରହିଥିଲେ। ଅନେକ ସମୟ ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ପୁଣି ଏମକେସିଜିକୁ ଅଣାଯାଇଥିଲା। ଏମକେସିଜିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ମୃତ ନୀଳକଣ୍ଠଙ୍କ ପୁଅ ଅର୍ଜୁନ ସାହୁ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା। ଡ୍ରେନ ନିର୍ମାଣ କରୁଥିବା ଠିକାଦାର ଓ ସୁପରଭାଇଜରଙ୍କ ଅବହେଳାରୁ ତାଙ୍କ ବାପା ଡ୍ରେନ ଭିତରେ ପଡିଯିବା ସହ ମୃତ୍ୟୁ ହେଲା ବୋଲି ସେ ନିଜ ଅଭିଯୋଗରେ ଦର୍ଶାଇଥିଲେ। ଅର୍ଦ୍ଧନିର୍ମିତ ଡ୍ରେନ ଓ ରାସ୍ତାରେ ଲୋକଙ୍କ ସୁରକ୍ଷା ପାଇଁ ଯେଉଁସବୁ ସତର୍କ ବାର୍ତ୍ତା ଦିଆଯିବା କଥା ଓ ପଦକ୍ଷେପ ନିଆଯିବା କଥା ତାହା ଠିକାଦାର ଓ ସୁପରଭାଇଜର ନେଇ ନଥିଲେ ବୋଲି ତଦନ୍ତରୁ ଜଣାପଡିଥିଲା। ଏହି ମାମଲାର ବିଚରଣା ବେଳେ ମୋଟ ୧୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ବେଳେ ଉଭୟ ଅଭିଯୁକ୍ତ କୋର୍ଟରେ ଉପସ୍ଥିତ ଥିଲେ। ସରକାରଙ୍କ ପକ୍ଷରୁ ଏପିପି ରାଜେନ୍ଦ୍ର ସାବତ ମକଦ୍ଦମା ପରିଚାଳନା କରୁଥିଲେ।

# ଗଞ୍ଜେଇ ଜବତ; ଜଣେ ଗିରଫ



**ଭଞ୍ଜନଗର,୩୧।୫(ସମିସ):** ତାରାସିଙ୍ଗି ପୁଲିସ ୨୪ କେଜିରୁ ଉଦ୍ଧ୍ୱର୍ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ଗୁରୁବାର ତାରାସିଙ୍ଗି ପୁଲିସ କନ୍ଧମାଳ ପଟୁ ଦୁଇଜଣ ଯୁବକ ବାଇକରେ ଗଞ୍ଜେଇ ନେଉଥିବା ବିଷୟ ବିଶେଷ ସୂତ୍ରରୁ ଖବର ପାଇ ବଦାଙ୍ଗି ନିକଟରେ ଯାଞ୍ଚ କରିଥିଲା। ଜଣେ ଯୁବକ ବାଇକ ଛାଡି ଫେରାର ହୋଇ ଯାଇଥିବା ବେଳେ ଅନ୍ୟଜଣେ ନୟାଗଡ଼ ଜିଲ୍ଲା ସଦର ଥାନା ବାରବାଟି ଗ୍ରାମର ସୁଶାନ୍ତ କୁମାର ପ୍ରଧାନ (୨୬)କୁ ପୁଲିସ ଗିରଫ କରିଥିଲା। ଜବତ ଗଞ୍ଜେଇର ପରିମାଣ୨୪ କେଜି ୪୫୦ ଗ୍ରାମ ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୧୦ ହଜାର ୬୦୦ ଟଙ୍କା ହେବ ବୋଲି ଜଣାପଡିଛି। ପୁଲିସ କେସ ନଂ ୧୭୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସାମାନ୍ୟ ବଚସାରୁ ହତ୍ୟା ଉଦ୍ୟମ

**ଦିଗପହଣ୍ଡି,୩୧।୫(ସମିସ):** ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପଞ୍ଚାୟତ ମେଘଝୋଲି ଗ୍ରାମରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ଯୁବକ ପଡୋଶୀ ପରିବାରର ୩ ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ଘଟଣାରେ ଅଭିଯୁକ୍ତ ଯୁବକ ଚେରୁ ଓରଫ ନାରାୟଣ ନାୟକଙ୍କୁ କେ. ନୂଆଗାଁ ଥାନା ପୁଲିସ ଗିରଫ କରି ଥାନା ମାମଲା ନଂ. ୧୫୧/୨୪ ପ୍ରକାରେ କୋର୍ଟଚାଲାଣ କରିଛନ୍ତି। ଗତ ବୁଧବାର ବିଳମ୍ବିତ ରାତିରେ ମେଘଝୋଲି ଗ୍ରାମର ବିନୋଦ ନାୟକ ତାଙ୍କ ଝିଅକୁ ଏକ ବିବାହ ପ୍ରସ୍ତାବକୁ କେନ୍ଦ୍ରକରି ତାଗିଦ କରୁଥିବାବେଳେ ପଡୋଶୀ ସୋମନାଥ ନାୟକ ଏଥିରେ ହସ୍ତକ୍ଷେପ କରି ଗାଳି ଗୁଲଜ କରିଥିଲେ। ଯାହାକୁ ନେଇ ବିନୋଦ ଏବଂ ସୋମନାଥଙ୍କ ମଧ୍ୟରେ ବଚସା ଚାଲିଥିବା ବେଳେ ସୋମନାଥଙ୍କ ପୁଅ ଚେରୁ ଓରଫ ନାରାୟଣ ସେଠାରେ ପହଞ୍ଚି ଏକ ଟାଙ୍ଗିଆରେ ବିନୋଦ, ତାଙ୍କ ସ୍ତ୍ରୀ ଏବଂ ଝିଅ ଟୁମୁକିଙ୍କୁ ହତ୍ୟା ଉଦ୍ୟମ କରିଥିଲା। ଟାଙ୍ଗିଆ ଚୋଟରେ ବିନୋଦଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ଗଭୀର କ୍ଷତ ଲାଗିବା ସହ ଝିଅର ବେକ ଏବଂ ବିନୋଦଙ୍କ ହାତରେ ମଧ୍ୟ କ୍ଷତ ହୋଇଥିଲା। ସମସ୍ତଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିଲା। ବିନୋଦ ସାମାନ୍ୟ ସୁସ୍ଥ ହୋଇ ଫେରିବା ପରେ କେ. ନୂଆଗାଁ ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ଅଭିଯୁକ୍ତ ଚେରୁଙ୍କ ବିରୋଧରେ ମକଦ୍ଦମା ରୁଜୁ କରି କୋର୍ଟଚାଲାଣ କରିଛନ୍ତି।

# ବେଲଗୁଣ୍ଠା ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ବେଲଗୁଣ୍ଠା,୩୧।୫(ସମିସ):** ଭୋଟ୍ ଗଣତି ଦିନ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ପୁଲିସ୍ ପକ୍ଷରୁ ସମଗ୍ର ଜିଲ୍ଲାରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପ୍ରରିପ୍ରେକ୍ଷୀରେ ବେଲଗୁଣ୍ଠା ପୁଲିସ୍ ପକ୍ଷରୁ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଶୁକ୍ରବାର ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଜିତ୍ କୁମାର ନାୟକ ଏବଂ ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବେଲଗୁଣ୍ଠା ପୁଲିସ୍ ବେଲଗୁଣ୍ଠା ସହର ସମେତ ଆମ୍ବପୁଆ, ମଙ୍ଗଳପୁର, ଘୁନୁଆ ଗାଆଁ, ତନରଡା ଆଦି ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ କରିଥିଲେ। କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଥାନା ପୁଲିସ୍ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଫ୍ଲାଗ ମାର୍ଚ୍ଚ ସମୟରେ ନିର୍ବାଚନ ପରବର୍ତ୍ତୀ ହିଂସା ଏବଂ ବିଶୃଂଖଳା ଠାରୁ ଦୂରେଇ ରହିବା ସହିତ କୌଣସି ପରିସ୍ଥିତିରେ ମଧ୍ୟ ଆଇନକୁ ହାତକୁ ନନେଇ ପୁଲିସର ସହଯୋଗ ନେବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଦୋକାନ ବଜାର ରାତି ୮ଟା ସୁଦ୍ଧା ବନ୍ଦ କରିବା ପାଇଁ ଦୋକାନ ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭଞ୍ଜନଗର,୩୧।୫(ସମିସ):** ଭଞ୍ଜନଗର ବ୍ଲକ କୁଲାଡ଼ କବି ସମ୍ରାଟ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ କୁମୁଦ ଚନ୍ଦ୍ର ବାଡ଼ତ୍ୟାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରୀ ନନ୍ଦନ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କୃତିବାସ ବିଶ୍ୱାଳ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଅବସରପ୍ରାପ୍ତ ରେଞ୍ଜ ଅଫିସର ଅନୁପମ ବାନାର୍ଜୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା, ଆର୍ଯ୍ୟକନ୍ୟା ଗୁରୁକୁଳ, ତନରଡ଼ାର ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ, ଦଦରାଲୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟବାନ ସାହୁ, ଗାଙ୍ଗପୁର ହାଇସ୍କୁଲର କ୍ରୀଡା ଶିକ୍ଷକ ଆଶୁତୋଷ ସ୍ୱାଇଁ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ସାମ୍ବାଦିକମାନେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ କର୍ମମୟ ଜୀବନର ସଫଳତା ନେଇ ଆଲୋଚନା କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ସଂଗ୍ରାମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# କାଳବୈଶାଖୀ କଲା ଛାର୍‌ଖାର୍



**ଭଞ୍ଜନଗର, ୩୧।୫(ସମିସ):** ଗତ କିଛି ଦିନ ଧରି ଭଞ୍ଜନଗର ଓ ଆଖପାଖ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଗରମ ଓ ଗୁଳୁଗୁଳିରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ଗୁରୁବାର ଅପରାହ୍ନରେ ମେଘ ପବନ ସାଙ୍ଗକୁ ସାମାନ୍ୟ ବର୍ଷା ହୋଇଥିଲେ ମଧ୍ୟ ଆଜି ସକାଳେ ପୂର୍ବପରି ପ୍ରଚଣ୍ଡ ଖରା ଓ ଗରମ ଅନୁଭୂତ ହୋଇଥିଲା। ହେଲେ ଅପରାହ୍ନ ସାଢେ ୪ଟା ବେଳେ ହାଠାତ୍ ପ୍ରବଳ ବେଗରେ ପବନ ବହିବା ସହ ଘଡଘଡି ସହ ଖୁବ ଜୋରରେ ବର୍ଷା ହୋଇଥିଲା। ପ୍ରାୟ ଦେଢ଼ ଘଣ୍ଟାର ବର୍ଷା ଯୋଗୁଁ ପାଗ ଥଣ୍ଡା ଅନୁଭୂତ ହୋଇଥିଲା। ଫଳରେ ଜନସାଧାରଣ ଅସ୍ୱସ୍ତି ଲାଭ କରିଥିଲେ। ଏହାର ପ୍ରଭାବରେ ବେଲଗୁଣ୍ଠା ରୋଡ଼ରେ ଏକ ବିରାଟ ତେନ୍ତୁଳି ଗଛ ଉପୁଡ଼ି ଯିବାରୁ ଗଛ ତଳେ ଥିବା ଏକ ବୋଲେରୋ ଗାଡ଼ି ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହେବା ସହ ରାସ୍ତା ଅବରୋଧ ହୋଇଥିଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ବହୁ ଯାନବାହନ ଅଟକି ରହିଥିଲା। ଗଛ କାଟିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସେହିପରି ଭେଜିପୁଟ ଠାରେ ମା' ବ୍ରାହ୍ମଣ ଦେବୀ ଯାତ୍ରା ଅବସରରେ ସାଇ ମନ୍ଦିର ସାମ୍ନା ପଡିଆରେ ମିନା ବଜାର ଓ ବିଭିନ୍ନ ଖେଳ ପଡିଥିଲା। ହେଲେ ଆଜିର ବର୍ଷା ଯୋଗୁଁ ବହୁ ଷ୍ଟଲ ଭାଙ୍ଗିବା ସହ ସେସବୁ କାଦୁଅ ଓ ପାଣିରେ ବୁଡି ରହିଛି। ଯାହାକୁ ନେଇ ବ୍ୟବସାୟୀ ମାନଙ୍କର ବହୁ ଜିନିଷପତ୍ର ନଷ୍ଟ ହେବା ସହ କ୍ଷତି ସହିଛନ୍ତି।

# ଗଣ୍ଡଗୋଳ ମାମଲାରେ ପୂର୍ବତନ ସରପଞ୍ଚ ଗିରଫ

**ବୁଗୁଡ଼ା,୩୧।୫(ସମିସ):** ଗତ ମେ ୨୧ ତାରିଖ ରାତିରେ ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ଗ୍ରାମର ତ୍ରିନାଥ ମଣ୍ଡପଠାରେ ମଦ୍ୟପାନକୁ ନେଇ ସୃଷ୍ଟି ହୋଇଥିବା ଗଣ୍ଡଗୋଳ ଘଟଣାକୁ ନେଇ ଦୁଇ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିଲା। ଗୋଟିଏ ପକ୍ଷର ରବୀନ୍ଦ୍ର କୁମାର ନାୟକ ଗତ ୨୩ ତାରିଖରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ଅନ୍ୟପକ୍ଷର ଧୋବା ପ୍ରଧାନ ଏବେ ଏକ ସପ୍ତାହ ପରେ ଗିରଫ ହେବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ , କରଚୁଲି ଗ୍ରାମର ସେହି ଗଣ୍ଡଗୋଳ ଘଟଣାକୁ ନେଇ ସୁଷମା ନାଇକଙ୍କ ଅଭିଯୋଗ ପ୍ରାକ୍ତନ ସରପଞ୍ଚ ଧୋବା ପ୍ରଧାନଙ୍କ ସମେତ ଅନ୍ୟ କିଛି ବ୍ୟକ୍ତିଙ୍କ ବିରୋଧରେ ରହିଥିଲା। ଏନେଇ ବୁଗୁଡା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ବିଚିତ୍ର ଡାକୁଆଙ୍କ ପକ୍ଷରୁ ରବୀନ୍ଦ୍ର କୁମାର ନାଇକଙ୍କ ସହିତ ଅନ୍ୟ କେତେକ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା ରୁଜୁ ହୋଇଥିଲା।

# ରଷିକୁଲ୍ୟା ନଦୀ ସୁରକ୍ଷା ଆନ୍ଦୋଳନ ନେଇ ପ୍ରସ୍ତୁତି



**ଗଞ୍ଜାମ,୩୧।୫(ସମିସ):** ଆଗାମୀ ୪ ତାରିଖରୁ ୫ ତାରିଖ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ପ୍ରବାହିତ ରଷିକୁଲ୍ୟା ନଦୀର ସୁରକ୍ଷା ନେଇ ଏକ ଜନ ଆନ୍ଦୋଳନ ପାଇଁ ଗଞ୍ଜାମ ବ୍ଲକର ପାଳିବନ୍ଧ ପଞ୍ଚାୟତରେ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ ସମନ୍ତରା ଯୋଗଦେଇ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଗଞ୍ଜାମର ଭାତହାଣ୍ଡି ରଷିକୂଲ୍ୟା ନଦୀର ଅପମୃତ୍ୟୁ ପାଇଁ ବିକାଶ ନାମରେ ଷଡ଼ଯନ୍ତ୍ର ଚାଲିଥିବା ସେ କହିଛନ୍ତି। ୧୯୯୫-୯୬ରେ ଟାଟାର ଇସ୍ପାତ ପ୍ରକଳ୍ପ ପାଇଁ ପିପଲ ପଙ୍କାରେ ରଷିକୂଲ୍ୟା ନଦୀର ମୂଳ ଜଳଧାରକୁ ଅଟକାଇ ଡ୍ୟାମ କରିବା ପାଇଁ ଯୋଜନା କରାଯାଇଥିଲା। ସେତେବେଳେ ରଷିକୂଲ୍ୟାକୁ ବଞ୍ଚାଇବା ପାଇଁ ଜଳ ଆନ୍ଦୋଳନ ଦ୍ୱାରା ଡ୍ୟାମ ନିର୍ମାଣ ପ୍ରତ୍ୟାହୃତ ହୋଇଥିଲା। ଏବେ ପୁଣି ସେଠାରେ ଡ୍ୟାମ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହି ଜଳକୁ ଛତ୍ରପୁର ଅଞ୍ଚଳର ଟାଟା ଶିଳ୍ପାଞ୍ଚଳ ସମେତ ବିଭିନ୍ନ କମ୍ପାନୀକୁ ଜଳଯୋଗାଇବା ପାଇଁ ଯୋଜନା ରହିଛି। ଏହା ଦ୍ୱାରା ବର୍ଷାଦିନ ପରେ ରଷିକୂଲ୍ୟା ନଦୀରେ ଟୋପାଏ ବି ପାଣି ରହିବ ନାହିଁ। ନଦୀକୂଳର ଦୁଇପାଖରେ ଥିବା କୂଅ, ପୋଖରୀ ଓ ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକର ଜଳସ୍ତର କମିଯିବ, ସାଧାରଣ ଲୋକେ ଜଳାଭାବ ଯୋଗୁଁ ହାହାକାର ହେବେ। ନଦୀର ମୁହାଣ ଶୁଷ୍କ ହୋଇଯିବ। ଫଳରେ ସମୁଦ୍ର ପାଣି ନଦୀ ଭିତରେ ପଶି ଲବଣାକ୍ତ ହୋଇଯିବା ଫଳରେ ଚାଷୀ ଓ ମତ୍ସ୍ୟଜୀବୀଙ୍କ ଅବସ୍ଥା ଶୋଚନୀୟ ହେବ। ଏବେ ନଦୀର ଧାର ଶୁଖିଯିବା ପରେ ଗଞ୍ଜାମ ମୁହାଁଣ ନିକଟସ୍ଥ ସମୁଦ୍ର ବାଲି ଶଯ୍ୟାରେ ଅଣ୍ଡା ଦେବାକୁ ଆସୁଥିବା ଅଲିଭ ରିଡଲେ ସାମୁଦ୍ରିକ କଇଁଚଙ୍କ ପାଇଁ ସଙ୍କଟ ସୃଷ୍ଟିହେବ। ଏଣୁ ରଷିକୂଲ୍ୟା ନଦୀ ବଞ୍ଚାଅ ଅଭିଯାନକୁ ବ୍ୟାପକ କରିବା ପାଇଁ ବିଶ୍ୱ ପରିବେଶ ଦିବସ ଜୁନ ୫ତାରିଖରେ ବିଞ୍ଚଣାପଲ୍ଲୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ସେଣ୍ଟର ଫର କ୍ଲାଇମେଟ ଜଷ୍ଟିସ ତରଫରୁ ସତ୍ୟାଗ୍ରହ କରିବେ, ବିଶିଷ୍ଟ ପରିବେଶବିତ୍ ଓ ଜନଆନ୍ଦୋଳନ ନେତା ପ୍ରଫୁଲ ସାମନ୍ତରା ଆଗେଇଆସିଛନ୍ତି। ସେ ୪ ତାରିଖ ଠାରୁ ୨୪ ଘଣ୍ଟିଆ ଅନଶନ ରଖିବେ। ଏନେଇ ଉକ୍ତ ଜନ ଆନ୍ଦୋଳନକୁ ସଫଳ କରିବା ପାଇଁ ସେ ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି।

# ଅପର୍ଣ୍ଣା ବେହେରାଙ୍କ ସ୍ମୃତିସଭା



**ରମ୍ଭା,୩୧।୫(ସମିସ):** ସ୍ଥାନୀୟ ସୁବଳୟା ପଞ୍ଚାୟତରେ ଅପର୍ଣ୍ଣା ଚରଣ ବେହେରାଙ୍କ ଦ୍ୱାଦଶାହ ଦିବସରେ ସମାଜସେବୀ ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ବକ୍ତବ୍ୟ ପ୍ରଦାନ କରି ସେ ଜଣେ ସ୍ୱାଭିମାନୀ, ବିପ୍ଳବୀ, ସମାଜସେବୀ, ଯୌଥ ପରିବାରର ମହତ୍ୱ ସମେତ ଅନେକ ପ୍ରସଙ୍ଗ ଭିତ୍ତିକ ବିଷୟ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାନାମ୍ବର ପଲାଇ, ଶଙ୍କର ନାରାୟଣ ବେଜ, ବାଳକୃଷ୍ଣ ମହାରଣା, ଗୋକୁଳ ନାହାକ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ଅବସର ତଥା ରାଜ୍ୟ ପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟକୁମାର ବିଶ୍ୱାଳ ସଭା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏତଦ ବ୍ୟତୀତ ସ୍ୱର୍ଗତ ବେହେରାଙ୍କ ସ୍ତ୍ରୀ ଧନୀ ବେହେରା, ପୁଅ ସୁନୀଲ କୁମାର ବେହେରା, ସୁକାନ୍ତ କୁମାର ବେହେରା, ବିଷ୍ଣୁ ପ୍ରସାଦ ବେହେରା, ବିଭୁ ପ୍ରସାଦ ବେହେରା। ବୋହୂ ପ୍ରତିମା ରାଣୀ ବେହେରା, ବିଷ୍ଣୁପ୍ରିୟା ବେହେରା, ନିରୁପମା ଜେନା, ପ୍ରଜ୍ଞା କୁମାରୀ ପଲେଇ, ଝିଆରୀ ଜ୍ୱାଇଁ ମହେଶ୍ୱର ବରାଡ଼ (ସମ୍ପାଦକ ପୂଜ୍ୟ ପୂଜା ସାହିତ୍ୟ ସଂସଦ), ଲକ୍ଷ୍ମୀକାନ୍ତ ଦଳେଇ (ପୂର୍ବତନ କନିଷ୍ଠ ଯନ୍ତ୍ରୀ ଆଇଆରଇ), ବାନାମ୍ବର ସାହୁ (ପୂର୍ବତନ ଯୋଗାଣ ଅଧିକାରୀ), ଉଲ୍ଲାସ ଜେନା (ପ୍ରାକ୍ତନ ପିଇଓ), ଶଶୀ ଭୂଷଣ ବରାଳ (ପ୍ରଧାନ ଶିକ୍ଷକ)। ଭଣଜା ନିରଜ କୁମାର ପଲେଇ(ସହକାରୀ ଯନ୍ତ୍ରୀ ଜଳ ଯୋଗାଣ ବିଭାଗ ), ବ୍ରଜ ବନ୍ଧୁ ବେହେରା, ରାଜେନ୍ଦ୍ର କୁମାର ସେନାପତି, ନାରାୟଣ ନାହାକ, ସି. ଏଚ ସୁଧାକର (ଅଧ୍ୟକ୍ଷ ), ପ୍ରଶାନ୍ତ କୁମାର ବେହେରା, ଗଣେଶ ବେହେରା (ପ୍ରଧାନ ଶିକ୍ଷକ) ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

